## ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ମର୍ଦ୍ଦରାଜ ମହୋତ୍ସବ

# 'ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଥିଲେ ଜଣେ ରାଜଯୋଗୀ'




ବ୍ରହ୍ମପୁର,୧୩।୧(ସମିସ)

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଖଲ୍ଲିକୋଟ ରାଜବଂଶର ଅବଦାନ ଓଡ଼ିଆ ଜାତିକୁ କେବଳ ସଂଗଠିତ କରି ନ ଥିଲା, ବରଂ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ବୀଜ ବପନ କରି ଦେଇଥିଲା। ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ଦ୍ୱାରା ନିର୍ମିତ ଭିତ୍ତିଭୂମି ଉପରେ ତାଙ୍କ ସୁପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ଓଡ଼ିଆ ଜାତିର ବିଶାଳ କୋଣାର୍କ ନିର୍ମାଣ କରି କୀର୍ତ୍ତିମାନ୍ ସ୍ଥାପନ କରି ଯାଇଛନ୍ତି। ପ୍ରକୃତରେ ସେ ଥିଲେ ଆଧୁନିକ ଓଡ଼ିଶା ଗଠନର ସୁଦକ୍ଷ ସ୍ଥପତି। ଜଣେ ଜାତୀୟବାଦୀ ରାଜଯୋଗୀ ବୋଲି ଓଡ଼ିଶାର ପ୍ରାକ୍ତନ ମୁଖ୍ୟ ସୂଚନା ଆୟୁକ୍ତ ସୁନୀଲ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି। ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଶହେ ଚବିଶତମ ଜୟନ୍ତୀ ଅବସରରେ ଆୟୋଜିତ ମର୍ଦ୍ଦରାଜ ମହୋତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀ ମିଶ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରେକ୍ଷାପଟ ଓ ଖଲ୍ଲିକୋଟ ମର୍ଦ୍ଦରାଜ ବଂଶର ଅବଦାନ ସଂପର୍କରେ ତଥ୍ୟପୂର୍ଣ୍ଣ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ସାକେତ ରାମା ରାଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ରାଜ୍ୟ ଯୋଜନା ବୋଡର୍ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଓ ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଓଡ଼ିଶାର ଅସ୍ମିତା ନିର୍ମାଣରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଭୂମିକା ପ୍ରସଙ୍ଗ ଉଲ୍ଲେଖ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉତ୍ସବରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର୍ ଭଗବାନ ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମହାର୍ଘ ଅବଦାନ, ତୃତୀୟ ଗୋଲ୍ ଟେବୁଲ୍ ବୈଠକରେ ରାଜ୍ୟ ଗଠନ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପନ, ସୀମା ନିର୍ଦ୍ଧାରଣ ସମିତି ପ୍ରଭୃତି ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ମଞ୍ଚ ଉଦ୍-ଘୋଷକ, ବିଶିଷ୍ଟ ସଂସ୍କୃତିବିତ୍ ହୃଷୀକେଶ ପାଣିଗ୍ରାହୀଙ୍କ ସଂଯୋଜନାରେ ସଂଚାଳିତ ଏହି ମହୋତ୍ସବରେ ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର୍ ମନୋଜ ରଞ୍ଜନ ନାୟକଙ୍କୁ ପ୍ରଶସ୍ତିପତ୍ର ଓ ଉପାୟନ ପ୍ରଦାନ ପୂର୍ବକ ଚଳିତ ବର୍ଷର 'ମର୍ଦ୍ଦରାଜ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସଂପାଦକ ସୁଧାଂଶୁ ଶେଖର ସାହୁ ବିବରଣୀ ଉପସ୍ଥାପନ ପୂର୍ବକ ପରିଷଦର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ। ପ୍ରଫେସର୍ ନାୟକଙ୍କ ତରଫରୁ 'ପ୍ରମେୟ' ବ୍ରହ୍ମପୁର ସଂସ୍କରଣର ମୁଖ୍ୟ ଅମ୍ବିକା ଦାଶ ଏହି ସମ୍ମାନ ଗ୍ରହଣ କରିଥିଲେ। ମର୍ଦ୍ଦରାଜ ମହୋତ୍ସବ ଅବସରରେ ଡ. କୁଳମଣି ଓଝା, ଡ. ହୃଷୀକେଶ ପଣ୍ଡା, ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହରିତସ), ଅଶୋକ କୁମାର ମିଶ୍ରଙ୍କ ସଂପାଦନାରେ ପ୍ରକାଶିତ ସ୍ମରଣିକା 'ମର୍ଦ୍ଦରାଜ' ଏବଂ ପ୍ରଫେସର୍ ମେଜର୍ ରମାରମଣ ପାଢ଼ୀଙ୍କ ସଂକଳିତ ଗ୍ରନ୍ଥ 'ରୋଲ୍ ଅଫ୍ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଇନ୍ ଦି ମେକିଙ୍ଗ ଅଫ୍ ଓଡ଼ିଶା ପ୍ରୋଭିନ୍ସ' ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଶେଷରେ ଭୁବନେଶ୍ୱରରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟ ସହ କେ.ସି. ପବ୍ଲିକ୍ ଛାତ୍ରଛାତ୍ରୀ ନୃତ୍ୟ-ସଂଗୀତ ପରିବେଷଣ କରିଥିଲେ। କେ.ସି. ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷ ଅଶୋକ କୁମାର ମିଶ୍ର ଓ ସୁଧାଂଶୁ ଶେଖର ସାହୁଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ମହୋତ୍ସବ ସଂଚାଳନାରେ ସହଯୋଗ କରିଥିଲେ। ମହୋତ୍ସବରେ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଡ. ଶ୍ରୀକାନ୍ତ ମହାପାତ୍ର, ପ୍ରଫେସର୍ ମନ୍ମଥ ପାଢ଼ୀ, ପ୍ରଫେସର୍ ଲକ୍ଷ୍ମୀନାରାୟଣ ରାଉତ, ଡ. କୃଷ୍ଣପ୍ରସାଦ ମହାପାତ୍ର, ସୁଶାନ୍ତ ଦାସଙ୍କ ସମେତ ବହୁ ବିଶିଷ୍ଟ ଶିକ୍ଷାବିତ୍ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ଉତ୍ସବକୁ ନେଇ 'ସ୍ୟାଣ୍ଡ ଆନିମେସନ'

ବ୍ରହ୍ମପୁର,୧୩।୧(ସମିସ): ଚଳିତମାସ ୧୭ତାରିଖରେ ପୁରୀରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବକୁ ନେଇ ବିଭିନ୍ନ ମହଲରେ ଉତ୍ସାହ ଦେଖାଦେଇଛି। ଚାରିଆଡ଼େ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶିଳ୍ପୀମାନେ ମଧ୍ୟ ବିଭିନ୍ନ ପ୍ରକାରର ଚିତ୍ର ପ୍ରଦର୍ଶନ କରି ଆରାଧ୍ୟ ଦେବତାଙ୍କ ଲାଗି ଉତ୍ସର୍ଗୀକୃତ କରୁଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନର କାଳାକାର ଓ ଚିତ୍ର ଶିଳ୍ପୀମାନେ ନିଜର କଳା ମାଧ୍ୟରେ ଶ୍ରୀମନ୍ଦିର ଉନ୍ନତି ଏବଂ ପରିକ୍ରମା ପ୍ରକଳ୍ପର ସମ୍ପର୍କରେ ଦର୍ଶାଇଛନ୍ତି। ସେହିପରି ବ୍ରହ୍ମପୁର ସହରର ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ସେଣ୍ଡ ଆନିମେସନ ଦ୍ୱାରା ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବର ଯଜ୍ଞ କୁଣ୍ଡ, ପୂଜା ସ୍ଥାନ ଓ ଭକ୍ତଙ୍କ ଗହଳିକୁ ନେଇ ନିଜ କଳା ମାଧ୍ୟମରେ ସେଣ୍ଡ ଆନିମେସନି ପ୍ରସ୍ତୁତ କରିଛନ୍ତି। ଏଭଳି ସେଣ୍ଡ ଆନିମେସନ ପ୍ରସ୍ତୁତି ନିମନ୍ତେ ଶ୍ରୀ ମହାରଣାଙ୍କୁ ୬ମିନେଟ ୨୫ସେକେଣ୍ଡ ସମୟ ଲାଗିଥିଲା। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବକୁ ନେଇ ବିଭିନ୍ନ ମହଲରେ ପ୍ରଚାର ପ୍ରସାର କରାଯାଉଥିବା ବେଳ ଏଭଳି କଳା ମାଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଏକ ଛୋଟିଆ ପ୍ରୟାସ କରିଥିବା ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା କହିଛନ୍ତି। ଅନେକ ସମୟରେ ଶ୍ରୀ ମହାରଣା ବିଭିନ୍ନ କଳାକୃତି ନିର୍ମାଣ କରି ବହୁ ପ୍ରଶଂସା ଲାଭ କରିଛନ୍ତି। ତାଙ୍କର ଏଭଳି କଳାକୃତି ଲୋକଙ୍କ ବେଶ ପସନ୍ଦ ହୋଇଥିବା ବେଳେ ଏହାକୁ ପ୍ରଶଂସା କରିଛନ୍ତି।



## ଭି.ଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ଭି.ଭି ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରି ଅମିତା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଡିନ୍ ପ୍ରଫେସର କିଶୋର ଚନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ଅଶୋକ ପଟ୍ଟନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୀତା ପାଠ ସହ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା କୃତି ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ ବଣ୍ଟନ କରାଯାଇଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ବ୍ରହ୍ମପୁର,୧୩।୧(ସମିସ): ବ୍ରହ୍ମପୁର ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ଛାତ୍ରୀଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହାଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅନୀତା କୁମାରୀ ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ଅଞ୍ଜଳି ପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ କାର୍ଯ୍ୟକ୍ରମର ଆବଶ୍ୟକତା, ଉପଯୋଗିତା ଓ ନାରୀ ସୁରକ୍ଷା ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ। ତାଲିମ ଶିକ୍ଷକ ସନ୍ଧ୍ୟାରାଣୀ ମହାରଣା ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ବିଷୟରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଗୀତାଞ୍ଜଳି ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ମାନିନୀ ପ୍ରଧାନ, ପାର୍ଥବୀ ସେଠୀଙ୍କ ସମସ୍ତ ବିଭାଗର ଅଧ୍ୟାପିକା ଉପସ୍ଥିତ ଥିଲେ।

## ଶେଷ ହେଲା ଅକ୍ଷତ ଓ ଗୁଆ ସଂଗ୍ରହ

# ଷଷ୍ଠ ଦିନରେ ୭ଟି ୱାର୍ଡ ବୁଲିଲା ଅର୍ପଣ ରଥ




ବ୍ରହ୍ମପୁର,୧୩।୧(ସମିସ): ଚଳିତମାସରେ ପୁରୀରେ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା ଉତ୍ସବ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଅର୍ପଣ ରଥ ଜରିଆରେ ବିଭିନ୍ନ ୱାଡର୍ ବୁଲି ସମସ୍ତ ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମ ଶନିବାର ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ଚଳିତମାସ ୮ତାରିଖରେ ଆରମ୍ଭ ହୋଇଥିଲା। ଶେଷ ଦିନରେ ନିଗମର ୧୨, ୧୪, ୨୪, ୨୯, ୩୦, ୩୬ ଓ ୪୨ ନମ୍ବର ୱାର୍ଡରେ ପରିକ୍ରମା କରିଥିଲା। ଏ ଅବସରରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ରାଜ୍ୟ ଯୋଜନା ବୋଡର୍ ସଦସ୍ୟ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ତଥା ବିଧାୟକ ବିକ୍ରମ କୁମାର ପଣ୍ଡା, ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ୍ଡୀ ଓ ଭୀମ ଦଳେଇ ଓ ସଂଜୀତ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ୱାର୍ଡରେ ସ୍ଥାନୀୟ କର୍ପୋରେଟରମାନେ ଉପସ୍ଥିତ ରହି ପ୍ରତି ଘରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ମହିଳା ଭକ୍ତ ଓ ମିଶନ ଶକ୍ତି ଗୋଷ୍ଠୀର ମହିଳାମାନେ ସାମିଲ ହୋଇଥିଲେ। ଅର୍ପଣ ରଥ ପରିକ୍ରମା କରିଥିବା ସମସ୍ତ ୱାର୍ଡରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥାର ଆୟୋଜନ କରାଯାଇଥିଲା। ଅନ୍ୟପକ୍ଷରେ ଦୀର୍ଘ ୬ଦିନ ହେବ ସହରର ବିଭିନ୍ନ ୱାଡର୍‌ରୁ ସଂଗ୍ରହ କରାଯାଇଥିବା ଅରୁଆ ଚାଉଳ ଓ ଗୁଆକୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥାରେ ପୁରୀ ପଠାଯିବ ବୋଲି ଜଣାପଡିଛି।




## ଆମ୍ବେଦକର ସାଂସ୍କୃତିକ ଯୁବକ ସଂଘର କଳାକାର ଚୟନ ପ୍ରତିଯୋଗିତା



ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ପ୍ରକାଶମ ହଲ ପରିସରରେ ଶନିବାର ଆମ୍ବେଦକର ସାଂସ୍କୃତିକ ଯୁବକ ସଂଘ ପକ୍ଷରୁ କଳାକାର ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପଦ୍ମ ଚରଣ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସିନେମା ପ୍ରଯୋଜକ ଏମ. ରାମ ବାବୁ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ସାମ୍ବାଦିକ ସୁଦୀପ ସାହୁ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଂଘ ପକ୍ଷରୁ ଏକ ଚଳଚ୍ଚିତ୍ର ନିର୍ମାଣ କରାଯିବା କାର୍ଯ୍ୟକ୍ରମ ରହିଛି। ଏଥି ନିମନ୍ତେ ସଂଘ ପକ୍ଷରୁ କଳାକାର ଚୟନ ପ୍ରତିଯୋଗିତା କରାଯାଉଛି। ଏଥିରେ ବିଚାରକ ଭାବେ ନବୀନ ଚନ୍ଦ୍ର ଗୌଡ଼, ମଧୁସ୍ମିତା ଦାସ, ତ୍ରିନାଥ ନାୟକ, ଅଶ୍ୱିନୀ କୁମାର, ଏନ. ରାମ ବାବୁ, ତ୍ରିପତି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚୟନ ହେବାକୁ ଥିବା କଳାକାରମାନଙ୍କୁ ଚଳିତ ମାସ ୧୬ତାରିଖରେ ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯିବ ବୋଲି ସଂଘ ପକ୍ଷରୁ ଏଠାରେ କୁହାଯାଇଛି। ଏହି ଚୟନ ପକ୍ରିୟାରେ ପ୍ରଥମ ପର୍ଯ୍ୟାୟ ବହୁ କଳାକାର ଅଂଶଗ୍ରହଣ କରିଥିଲେ। ପରିଶେଷରେ ସଂଘର ତ୍ରିନାଥ କୁମାର ନାୟକ ଓ ସହଯୋଗୀ ସୁକାନ୍ତି ନାୟକ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ବହୁ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକ ବିଚାରକ ମଞ୍ଚର ବାର୍ଷିକ ଉତ୍ସବ




ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ଉତ୍ତରେଶ୍ୱର ଭବନ ପରିସରରେ ଶନିବାର ବରିଷ୍ଠ ନାଗରିକ ବିଚାରକ ମଞ୍ଚର ୧୫ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଇଂ ପ୍ରଫୁଲ୍ଲ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡ଼ା. ଇନ୍ଦୁଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଦୈନିକ ସକାଳ ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଓ ସମାଜସେବୀ ତଥା ମହାନସଂଘର ସଭାପତି ସୁଶାନ୍ତ ସାବତ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନଙ୍କର ସାମାଜିକ ସୁରକ୍ଷା ଏବଂ ଆଇନଗତ ଅଧିକାର ଉପରେ ଆଲୋକପାତ କରି ସରକାରଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ସୁବିଧା ଉପରେ ଅତିଥିମାନେ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପତି ଲିଙ୍ଗରାଜ ପଣ୍ଡା ଅତିଥି ପରିଚୟ ପ୍ରଦାନ ପରେ ଦିବଙ୍ଗତ ସଭ୍ୟଙ୍କ ଅମର ଆତ୍ମାର ସଦ୍‌ଗତି ଓ ବିଶ୍ୱଶାନ୍ତି ନିମନ୍ତେ ୧ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ୮୦ବର୍ଷ ଅତିକ୍ରମ କରିଥିବା ମଞ୍ଚର ୭ଜଣ ବରିଷ୍ଠ ସଭ୍ୟଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସେମାନଙ୍କର ଓ ସେମାନଙ୍କ ପରିବାରର ନିରୋଗ ଜୀବନଯାପନ ନିମନ୍ତେ ପ୍ରାର୍ଥନା କରାଯାଇ ସମ୍ମାନିତ କରାଯାଇଥିଲା। ମଞ୍ଚର ଶୁଭାକାଂକ୍ଷୀ ଆଇନଜୀବୀ ସୁଦୀପ ସାହୁ ଏବଂ ଡ଼ା. ନକୁଳ ସାହୁଙ୍କ ମଞ୍ଚ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଲୋକନାଥ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ବିଭିନ୍ନ ସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ପରିଶେଷରେ ସଭ୍ୟ ପ୍ରଭାସ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର ଉପସଭାପତି ରାମେଶ୍ୱର ଶତପଥୀ, ସଭ୍ୟ ପ୍ରଫେସର ଅଶୋକ କୁମାର ରଥ, ଗଙ୍ଗାଧର ପାଢ଼ୀ, ହରିବନ୍ଧୁ ମହାପାତ୍ର, ଲୋକନାଥ ସାହୁ, ଜୟକୃଷ୍ଣ ମିଶ୍ର, ଶ୍ରୀବତ୍ସ ପ୍ରଧାନ, ଗଣପତି ବେହେରା, ରାମେଶ୍ୱର ଶତପଥୀ, ଲିଙ୍ଗରାଜ ପଣ୍ଡା, ଅର୍ଜୁନ କର, ହରିହର ଚୌଧୁରୀ, ହରିବନ୍ଧୁ ମହାପାତ୍ର, କିଶୋର ଚନ୍ଦ୍ର ଚୌଧୁରୀ, ନିରଞ୍ଜନ ପଣ୍ଡା, ଦେବରାଜ ଚୌଧୁରୀ, ପଞ୍ଚାନନ ସାହୁ, ଉଦୟନାଥ ଚୌଧୁରୀ, ଚିତ୍ତରଞ୍ଜନ ପାଣିଗ୍ରାହୀ, ନିଳାଞ୍ଚଳ ମିଶ୍ର, ଶିବରାମ ପାଣିଗ୍ରାହୀ, ଜଗଦୀଶ ସାବତ, ସୁରେନ୍ଦ୍ର ନାଥ ମହାପାତ୍ର, ଶରତ ଚନ୍ଦ୍ର ସାବତ, ପ୍ରଭାସ ଚନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ବହୁ ପ୍ରତିଭାଙ୍କ ଏନ୍ତୁଡିଶାଳ ମ୍ୟୁନିସ୍‌ପାଲ ଜିମ୍‌ନାସିୟମ

ବ୍ରହ୍ମପୁର,୧୩।୧(ସମିସ)



ଚଳିତ ବର୍ଷ ସହରର ଅନ୍ୟତମ ପ୍ରତିଷ୍ଠିତ ବ୍ୟାୟାମ କେନ୍ଦ୍ର 'ମ୍ୟୁନିସପାଲ ଜିମନାସିୟମ' ନିଜର ଶତବାର୍ଷିକୀ ଉତ୍ସବ ପାଳନ କରିବ। ଏହି ମ୍ୟୁନିସ୍‌ପାଲ ଜିମ୍‌ନାସିୟମ ବହୁ ପ୍ରତିଷ୍ଠିତ ପ୍ରତିଭାଙ୍କ ଏନ୍ତୁଡିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟର ଅନ୍ୟତମ ପୁରାତନ ସହର ଭାବେ ବ୍ରହ୍ମପୁର ବେଶ ପରିଚିତ। କଳା,ସାହିତ. ସଂସ୍କୃତି, ପରମ୍ପରା ସହିତ କ୍ରୀଡାକ୍ଷେତ୍ରରେ ମଧ୍ୟ ବେଶ ପ୍ରତିଷ୍ଠା ଲାଭ କରିପାରିଛି ରେଶମ ସହର। ସହରରୁ ନିୟମିତ ବ୍ୟବଧାନରେ ବାହାରିଛନ୍ତି ଅର୍ଜ୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡାବିତ। ଏଠାରୁ ବାହାରିଛନ୍ତି ଏକାଧିକ ମିଷ୍ଟର ଇଣ୍ଡିଆ ମଧ୍ୟ। ସହରରେ ବର୍ତ୍ତମାନ ରହିଥିବା ପୁରାତନ ଓ ଅତ୍ୟାଧୁନିକ ବ୍ୟାୟାମ କେନ୍ଦ୍ର ସଂଖ୍ୟା ପ୍ରାୟ ୫୦ରୁ ଅଧିକ ହେବ। ତେବେ ସେଥିମଧ୍ୟରୁ ୫ରୁ୬ଟି କେନ୍ଦ୍ର ବହୁ ପୁରାତନ। ଯଥା ପାଣିଟାଙ୍କି ଛକରେ ଥିବା ମ୍ୟୁନିସପାଲ ଜିମନାସିୟମ, ବିଜିପୁରର କାଶୀନାଥ ବ୍ୟାୟାମ କେନ୍ଦ୍ର, ମାର୍ଥାପେଟା ସାହି ସ୍ଥିତ ବୀର ହନୁମାନ ବ୍ୟାୟାମ କେନ୍ଦ୍ର, ଚାଚା ନେହେରୁ ବ୍ୟାୟାମ କେନ୍ଦ୍ର, ଭାରତ ବ୍ୟାୟାମ କେନ୍ଦ୍ର ଓ କଳିଙ୍ଗ ବ୍ୟାୟାମ କେନ୍ଦ୍ର। ତେବେ ଏସବୁ ମଧ୍ୟରେ ପୌର ବ୍ୟାୟାମ କେନ୍ଦ୍ର ବା ମ୍ୟୁନିସିପାଲ ଜିମନାସିୟମ ନିଆରା ଓ ଅନ୍ୟତମ। ଏହି ଜିମନାସିୟମ ଚଳିତ ବର୍ଷ ଶତବାର୍ଷିକୀ ପାଳନ କରିବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ବିଜୟନଗରମରୁ ଆସି ୱାଇ. ସୁରେୟା ରାଓ ପ୍ରଥମେ ଏହାକୁ ପ୍ରତିଷ୍ଠା କରିଥିଲେ। ବର୍ତ୍ତମାନ ଏହି ଜିମନାସିୟମର ସଦସ୍ୟ ସଂଖ୍ୟା ୫ଶହରୁ ଅଧିକ। ନିକଟ ଅତୀତରେ ବ୍ରହ୍ମପୁରରୁ କେ. ରବିକୁମାର ଭାରଉତ୍ତୋଳନରେ ଅଜ୍ଜୁନ ପୁରସ୍କାର ପାଇଥିବା ବେଳେ ବହୁ ବର୍ଷ ପୂର୍ବରୁ ସହରର ଏହି ପ୍ରତିଷ୍ଠିତ ବ୍ୟାୟାମ କେନ୍ଦ୍ରରୁ ଭାର ଉତ୍ତୋଳନରେ ବିଜୟ ଶତପଥୀ ଅର୍ଜ୍ଜୁନ ପୁରସ୍କାର ହାସଲ କରିଥିଲେ। ସେହିଭଳି ଏହି କେନ୍ଦ୍ରର ପୁରୁଖା ସଦସ୍ୟ ଲଳିତ କୁମାର ଅଧିକାରୀ ସୁନ୍ଦର ସ୍ୱାସ୍ଥ୍ୟରେ 'ମିଷ୍ଟର ଇଣ୍ଡିଆ' ଭାବେ ସୁନାମ ଆଣିଥିଲେ। ଏହି କେନ୍ଦ୍ରକୁ ପ୍ରତିଷ୍ଠା ଲାଭ କରାଇବାରେ ପୂର୍ବତନ କର୍ମକର୍ତ୍ତା ଯଥା ସ୍ୱର୍ଗତ ଘନଶ୍ୟାମ ପାତ୍ର, ସ୍ୱର୍ଗତ ବିପ୍ରଚରଣ ଶତପଥୀ, ସ୍ୱର୍ଗତ ରମେଶ ପାଢୀ, ସ୍ୱର୍ଗତ ତ୍ରିନାଥ ପାଣିଗ୍ରାହୀ ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କର ବେଶ ଉଦ୍ୟମ ରହିଆସିଛି। ଯାହାଫଳରେ ବର୍ତ୍ତମାନ ସହରରେ ଯେତେ ଅତ୍ୟାଧୁନିକ ବ୍ୟାୟାମ କେନ୍ଦ୍ର ପ୍ରତିଷ୍ଠା ହେଲେ ମଧ୍ୟ ଯୁବଗୋଷ୍ଠୀଙ୍କ ପ୍ରଥମ ପସନ୍ଦ ସହରର ଏହି ମ୍ୟୁନିସିପାଲ ଜିମନାସିୟମ। ପୂର୍ବରୁ ଏଠାରେ ପାରମ୍ପାରିକ ସାମଗ୍ରୀରେ ଭାରଉତ୍ତୋଳନ ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସଦସ୍ୟମାନେ ଅଭ୍ୟାସ କରୁଥିବା ବେଳେ ସମୟ ସହିତ ତାଳଦେଇ କେନ୍ଦ୍ରରେ ଅନେକ ଅତ୍ୟୁଧୁନିକ ବ୍ୟାୟାମ ସରଞ୍ଜାମ ମଧ୍ୟ ରହିଛି। ଚଳିତ ବର୍ଷ ଏହି କେନ୍ଦ୍ର ନିଜର ଶତବାର୍ଷିକୀ ଉତ୍ସବ ପାଳନ କରିବାକୁ ଯାଉଥିବା କେନ୍ଦ୍ରର ସମ୍ପାଦକ ଗଙ୍ଗାଚରଣ ପାତ୍ର ସୂଚନା ଦେଇଛନ୍ତି। ଏଥିପାଇଁ ଆସନ୍ତା ୨୧ତାରିଖରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯିବ। ବିଧି ପ୍ରକାରେ ଏହି କେନ୍ଦ୍ରର ସଭାପତି ହେଉଛନ୍ତି ବ୍ରହ୍ମପୁର ମେୟର। ଏଣୁ କେନ୍ଦ୍ରର ଏହି ପ୍ରାସ୍ତାବିତ ଶତବାର୍ଷିକୀ ଉତ୍ସବକୁ କିଭଳି ବର୍ଣ୍ଣାଢ୍ୟ ତଥା ଶୃଙ୍ଖଳିତ ଭାବେ ପାଳନ କରାଯିବ ସେଥିପାଇଁ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ଯଥା ଉପ ସଭାପତି ତଥା ବରିଷ୍ଠ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ସମ୍ପାଦକ ଗଙ୍ଗାଚରଣ ପାତ୍ର, ଯୁଗ୍ମ ସମ୍ପାଦକ ସୁଧୀର ଦାସ, କୋଷାଧ୍ୟକ୍ଷ ଜଗନ୍ନାଥ ପ୍ରସାଦ ସାହୁ ଓ ଆଇନ ଉପଦେଷ୍ଟା ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି।



# ଛତ୍ରପୁର ଏନ୍‌ଏସିର ଦୁଇ ୱାର୍ଡରେ ବୁଲିଲା ଅର୍ପଣ ରଥ





**ଛତ୍ରପୁର,୧୩ା୧(ସମିସ)**

ଛତ୍ରପୁର ଏନଏସି ଅନ୍ତର୍ଗତ ୯ଓ୧୧ନଂ ୱାର୍ଡରେ ଶନିବାର ଅର୍ପର ରଥ ପରିକ୍ରମା କରିଛି। ଭକ୍ତିମୟ ପରିବେଶରେ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ବନ୍ଦାପନା ପରେ ଏକ ବିରାଟ ଶୋଭାଯାତ୍ରାରେ ଅର୍ପର ରଥ ପରିକ୍ରମା କରିଛି। ବାଜା ବାଜଣା, ଯୋଡି ଶଙ୍ଖ, ଭଜ କୀର୍ତ୍ତନରେ ସମଗ୍ର ପରିବେଶ ଜଗନ୍ନାଥ ମୟ ହୋଇଛି। ପ୍ରଥମେ ୯ନଂ ୱାର୍ଡର କାଉନସିଲର ପ୍ରିତିଛନ୍ଦା ସାମଲଙ୍କ ନେତୃତ୍ୱରେ ବ୍ୟାଙ୍କ କଲୋନୀଠାରୁ ରଥକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥ ଘରକୁ ଘର ବଲୁି ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥି। ତତନରେ ୧୧ନଂ ୱାର୍ଡର କାଉନସିଲର ସନ୍ତୋଷୀ ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ବେରେକସାହି ସ୍ଥିତ ଶ୍ରୀଗଣେଷ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଜଗନ୍ନାଥ ମୂର୍ତ୍ତି ରଖି ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ଅର୍ପଣ ରଥ ବାହାରି ୱାର୍ଡର ବିଭିନ୍ନ ସାହି ପରିକ୍ରମା ଘରକୁ ଘର ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା। ୯ନଂ ୱାର୍ଡର କାଉନସିଲର ଶ୍ରୀମତି ସାମଲଙ୍କ ନେତୃତ୍ୱରେ ସମସ୍ତ ଜନପ୍ରତିନିଧି ଓ ଶ୍ରଦ୍ଧାଳୁ ଗଂଜାମ ଏସପିଙ୍କ ବାସଭବନକୁ ଯାଇ ଏସପି ଜଗମୋହନ ମୀନା ଏବଂ ତାଙ୍କ ପତ୍ନୀଙ୍କଠାରୁ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ସେଠାରେ ମଧ ଜୟ ଜଗନ୍ନାଥ ଅର୍ପଣ ରଥକୁ ଭବ୍ୟ ସ୍ୱାଗତ ପ୍ରଦାନ କରାଯାଇଥିଲା। ଉଭୟ ଦୁଇଟି ୱାର୍ଡରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଘରକୁ ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୂରୀ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି.ପାପା ରାଓ, ଛତ୍ରପୁର ନଗର ବିଜେଡି ସଭାପତି ବି.ରାଜୁବାବୁ , ଉପସଭାପତି ଅଚ୍ଚଳ ବିହାରୀ ପଟ୍ଟନାୟକ, ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ

- ଘରକୁ ଘର ବୁଲି ଚାଉଳ ସଂଗ୍ରହ କଲେ ବିଧାୟକ ଓ କାଉନ୍‌ସିଲର
- ଏସ୍‌ପିଙ୍କ ବାସଭବନରେ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା

ପ୍ରଧାନ, ଯୁବ ଆଇନଜିବୀ ରଂଜନ ମହାପାତ୍ର, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ଯୁବ ବିଜେଡି ଗଂଜାମ ଏସନଏସି ସଭାପତି ସୁଧୀର ପାଢ଼ି, ଯୁବ ବିଜେଡି ଜିଲ୍ଲା ନେତା ଶତ୍ରୁନାଥ ସ୍ୱାଇଁ, ଅକ୍ଷୟ ସ୍ୱାଇଁ ଓ ରାଜେଶ କୁମାର ମହାରଣା, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ଛତ୍ରପୁର ବିଜୁ ଆଇନ ସାମ୍ମୁଖ୍ୟର ସଭାପତି ସୁରେଶ କୁମାର ପଣ୍ଡା, ଉପସଭାପତି ସିମାଞ୍ଚଳ ମହାପାତ୍ର ଓ ଭୈରବୀ କୁମାର ପଟ୍ଟନାୟକ, ଏଲ.ଗୋପାଳ ରାଓ, ଆଇନଜିବୀ ପ୍ରଶାନ୍ତ କୁମାର ଶତପଥୀ, ପୁଳିନ ବିହାରୀ ପଟ୍ଟନାୟକ ଓ ଟି,ମୋହନ ରେଡ୍ଡୀ, କାଉନସିଲର ଦେବାଶିଷ ମିଶ୍ର, ବି.ନିଶ୍ଚଳା, ମମତା ପାତ୍ର, ଏମ. ସେନାପତି, ଟି.ଗଣେଶ ରେଡ୍ଡୀ, ଅମରେଶ କୁମାର ମହାରଣା, କେ.ରମେଶ , ଅରୁନ୍ଧତି ରେଡ୍ଡୀ ଓ ସୁମନ୍ତ ନାହାକ, ଯୁବ ନେତା କିଶୋର ବେହେରା, ସପନ ନାହାକ, ମିଟୁ ବେହେରାଙ୍କ ସମେତ ମିଶନ ଶକ୍ତି ସଦସ୍ୟା, ସ୍ୱଚ୍ଛସାଥୀ, ଏନଏସିର ବହୁ କର୍ମଚାରୀ ଏବଂ ଶହ ଶହ ଭକ୍ତ ମାନେ ସାମିଲ ଥିଲେ। ସ୍ଥାନୀୟ ଶ୍ରୀ ଗୌରୀ ଶଙ୍କର ମନ୍ଦିର ନିକଟଥିବା ହନୁମାନ ବିଗ୍ରହ ଠାରେ ମନ୍ଦିର କମିଟି ଓ ଲାଇନ୍ସ କ୍ଲବ ପକ୍ଷରୁ ଯୁବ ବିଜେଡି ସଭାପତି ତଥା ପୂର୍ବତନ କାଉନସିଲର ଟି.ଚନ୍ଦ୍ରଶେଖର ରାଓଙ୍କ ତତ୍ତ୍ୱାବଧାନରେ ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରାଯିବା ସହିତ ଭୋଗର ପୂଜାର୍ଚ୍ଚନା ମଧ କରାଯାଇଥିଲା।

# ପାଇପ୍ ଡିପୋରୁ ଗଳିତ ଶବ ଉଦ୍ଧାର

**ଖଲ୍ଲିକୋଟ,୧୩ା୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୋପପୁର ନିକଟସ୍ଥ ମେଗା ଜଳ ପ୍ରକଳ୍ପ ପାଇପ ଡିପୋ ମଧ୍ୟରୁ ଗଳିତ ଶବ ଉଦ୍ଧାର ହୋଇଛି। ଉଦ୍ଧାର ହୋଇଥିବା ଶବଟି ସମ୍ପୂର୍ଣ୍ଣ ପଚିସଢି ଯାଇଥିବାବେଳେ କେବଳ କଙ୍କାଳ ଉଦ୍ଧାର ହୋଇଛି। ଗଳିତ ଶବଟି ପ୍ରାୟ ଏକ ମାସ ତଳର ହୋଇଥିବା ପୁଲିସ ଅନୁମାନ କରୁଥିବାବେଳେ ଶବଟିର ପରିଚୟ ମିଳିପାରିନି। ଖଲ୍ଲିକୋଟ ବ୍ଲକକୁ ବିଶୁଦ୍ଧ ପାନୀୟ ଜଳଯୋଗାଣ କରିବା ପାଇଁ ସାଲିଆ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଏଥିପାଇଁ ଟିକିଲି ପଞ୍ଚାୟତର ଗୋପପୁର ନିକଟରେ ଏକ ପାଇପ ଡ଼ିପୋ କରାଯାଇଛି। ସେଠାରେ ହଜାର ହଜାର ସଂଖ୍ୟାରେ ପାଇପ ଜମା ହୋଇ ରହିଛି। ତେବେ ଶୁକ୍ରବାର ସକାଳୁ ପାଇପ ଡିପୋରେ କାମ କରୁଥିବା କିଛି ଶ୍ରମିକ କାମ କରୁଥିବା ସମୟରେ ପାଇପ ଭିତରେ ଏକ ଶବ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏସଆଇ ପାର୍ଥ ପ୍ରତିମ ଦେବତା, ଏଏସଆଇ ପ୍ରଭାକର ଗଣ୍ଡା ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିବା ସହ ସାଇଣ୍ଟିଫିକ ଟିମ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶବ ନିକଟରୁ କିଛି ଚୁଡି ଓ ଲୁଗା ଉଦ୍ଧାର ହୋଇ ଥିବା ବେଳେ ଗଳିତ ଶବଟି ଜଣେ ମହିଳାଙ୍କ ହୋଇଥାଇ ପାରେ ବୋଲି ପୁଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନେଇ କେସନଂ ୩/୨୦୨୪ ଅନୁଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଅନୁସନ୍ଧାନ ଜାରି ରଖିଛି।

**ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**



# ମେଗା ସ୍ୱାସ୍ଥ୍ୟ ସେବା ଶିବିର




**ବ୍ରହ୍ମପୁର,୧୩ା୧(ସମିସ):** ସହର ଉପକଣ୍ଠ ବୋରିଗାଁ ଶିବ ମନ୍ଦିର କଲ୍ୟାଣ ମଣ୍ଡପରେ ଶନିବାର ସ୍ଥାୟୀ ବିକାଶ ଲକ୍ଷ୍ୟ ଓ ଅଗ୍ରୱାଲ ଡାଇବେଟିସ ସେଣ୍ଟରର ମିଳିତ ଆନୁକୂଲ୍ୟରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଡାଇବେଟିସ ଡାକ୍ତର ପ୍ରମୋଦ ଅଗ୍ରୱାଲ ଯୋଗଦେଇ ୯୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ସ୍ଥାୟୀ ବିକାଶ ଲକ୍ଷ୍ୟର ସିଇଓ ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେକ୍ରେଟାରୀ ଉମାଶଙ୍କର ସାହୁ, କୋଷାଧ୍ୟକ୍ଷ ଜୟସେନ ସାସମଲ, ସମାଜସେବୀ କୀର୍ତ୍ତନ ସାହୁ, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ବେହେରା, ଆଞ୍ଚଳିକ ସଭାପତି ସ୍ୱରାଜ୍ୟ ପଟ୍ଟନାୟକ, ସେକ୍ରେଟାରୀ ଶିବରାମ ସାହୁ ଏବଂ ସ୍ଥାୟୀ ବିକାଶର ସେକ୍ରେଟାରୀ ଏବଂ ଡେପୁଟି ସେକ୍ରେଟାରୀ ମାନଙ୍କ ମଧ୍ୟରେ ଲକ୍ଷ୍ମୀନୃସିଂହ ସାହୁ, ବି. ଜନାର୍ଦନ ରେଡ୍ଡୀ, ସ୍ୱପ୍ନା ବେହେରା, ଦୀପ୍ତିମୟୀ ସାହୁ, କେ ଇନ୍ଦୁ, ମାମାଲି ସେଠୀ, ରାଧାରାଣୀ ସାମନ୍ତରାୟ, ବଦ୍ରୀ ନାରାୟଣ ରଥ, କାମନିଧି ସାହୁ, ପୂର୍ବତନ ସରପଞ୍ଚ ବସନ୍ତ କୁମାର ସାହୁ, ସମାଜସେବୀ ସୁରେଶ ଚନ୍ଦ୍ର ସାହୁ, ଭାଗ୍ୟବାନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଲାଠୀ ହାଇସ୍କୁଲର ବାର୍ଷିକ ଉତ୍ସବ



**କୁକୁଡ଼ାଖଣ୍ଡି,୧୩ା୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଲାଠୀ ଉତ୍କଳ ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ା ବୃନ୍ଦାବନ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ଼ା ବଳଭଦ୍ର ତ୍ରିପାଠୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗଦେଇ ସରକାରୀ ବିଦ୍ୟାଳୟରେ ବର୍ତ୍ତମାନ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଦ୍ୱାରା ବହୁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ୱଳ ଘଟୁଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରାଧାମୋହନ ସେଠୀ, ସମିତି ସଭ୍ୟ ଜଗନ୍ନାଥ ଭୂୟାଁ, ପୁରାତନ ଛାତ୍ର ସଂଘର ସଭାପତି ଆଶିଷ କୁମାର ସାବତ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଡୁକେଶ ମିଶ୍ର ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଗୀତାଞ୍ଜଳୀ ପ୍ରଧାନ, ନିଳାଦ୍ରୀ ଦାସ, ଅଞ୍ଜଳି ଶବର, ଅବନ୍ତୀ ଡାକୁଆ ଏବଂ ୱାର୍ଡ ସଭ୍ୟ ଜଗନ୍ନାଥ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଗୋପାଳ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ୍



**ସାନଖେମୁଣ୍ଡି,୧୩ା୧(ସମିସ):** ଗଞ୍ଜାମ-ଗଜପତି ମୁଖ୍ୟ ରାସ୍ତା ପାଟପୁର ଥାନା ତପ୍ତପାଣି ଘାଟିରେ ଶନିବାର ଭୋରରୁ ଏକ ପେପର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡିଛି। ଟ୍ରକଟି ରାୟଗଡ଼ା ଜିଲ୍ଲାରୁ ପେପର ଲୋଡ୍ କରି ଭୁବନେଶ୍ୱର ଯିବା ସମୟରେ ତପ୍ତପାଣି ଘାଟି ମୃଗ ବିହାର ନିକଟରେରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ପୋଡାମାରି ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ କରି ଫେରିଥିବାବେଳେ ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି।

# ତୁଳସୀପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଖଲ୍ଲିକୋଟ,୧୩ା୧(ସମିସ):** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୫-ଟି ମାଧ୍ୟମରେ ରୂପାନ୍ତରିକରଣ ହେବା ସହ ବିଦ୍ୟାଳୟ ପରିସରରେ ୬ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ୫-ଟି ଅଧିନରେ ଖଲ୍ଲିକୋଟ ବ୍ଲକର ସମସ୍ତ ୩୨ଗୋଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିକରଣ ହୋଇଯାଇଥିବା ଜଣାପଡିଛି। ଗୁରୁବାର ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଉଦଘାଟନ କରିବା ଅବସରରେ ଖଲ୍ଲିକୋଟ ବ୍ଲକର ତୁଳସୀପୁରଠାରେ ଉତ୍ସବ ପାଳନ ହୋଇଥିଲା । ବର୍ବପଲ୍ଲୀ ରାଧା କ୍ରିଷ୍ଣନ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସ, ବୀର ସୁରେନ୍ଦ୍ର ସାଏ, ଜୟୀ ରାଜଗୁରୁ ପ୍ରଭୃତି ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ଗୁଡିକ ଉନ୍ମୋଚନ ହୋଇଥିଲା। ଉଦଘାଟନ ଉତ୍ସବରେ ବିଡ଼ିଓ ଦେବାଶିଷ ସାମଲ, ଖଲ୍ଲିକୋଟ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା, ଉପାଧ୍ୟକ୍ଷ ଭାରତୀ ମହାରଣା, ଜିଲ୍ଲା ପରିଷଦ ସଭ୍ୟା ସୋନମ ପଲାଇ, ସାଂସଦ ପ୍ରତିନିଧି ରତ୍ନାକର ସାହୁ, ସରପଞ୍ଚ ସିକ ପାଣ୍ଡୀ, ସମିତି ସଭ୍ୟ ଟିଲୁ ପାହାନ, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡ଼ି ସଭାପତି ଭିକାରି ପାଣ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।



# ଚାରିକାନ୍ଥ ମଧ୍ୟରେ ସୀମିତ ଅଙ୍ଗନବାଡ଼ି ଗୃହ



**ସାନଖେମୁଣ୍ଡି,୧୩ା୧(ସମିସ):** ସାନଖେମୁଣ୍ଡି ବ୍ଲକ ଚୁଡ଼ଙ୍ଗପୁର ପଞ୍ଚାୟତ ଲୁଣିନାଠି ଗ୍ରାମରେ ଶିଶୁ ବିକାଶ ପ୍ରକଳ୍ପ ବିଭାଗ ପକ୍ଷରୁ ମନରେଗା ଯୋଜନାରେ ୭ଲକ୍ଷ ୨୦ହଜାର ଟଙ୍କା ଅନୁଦାନରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇଛି। ହେଲେ ତାହା ଚାରି କାନ୍ଥ ମଧ୍ୟରେ ସୀମିତ ହୋଇ ରହିଛି। ଦୀର୍ଘବର୍ଷ ହେବ ଏହା ଅଧପନ୍ତରିଆ ଭାବେ ପଡ଼ି ରହିଥିବା ଅଭିଯୋଗ ହୋଇଛି। ଅଙ୍ଗନବାଡ଼ି ଗୃହର ଚାରିକାନ୍ଥ ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୃହଟି ସଂପୂର୍ଣ୍ଣ ହୋଇପାରିନି। ଅଙ୍ଗନବାଡ଼ି ଗୃହଟି କେଉଁ ଆର୍ଥିକ ବର୍ଷର ତାହା ମଧ୍ୟ ସୂଚନା ଫଳକରେ ଦର୍ଶାଯାଇନି। ଅଙ୍ଗନବାଡ଼ି ଗୃହ ନଥିବା ହେତୁ ଭଡ଼ା ଘରେ କେନ୍ଦ୍ର ଚାଲୁଅଛି। ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଆନ୍ତରିକତା ଅଭାବରୁ ଅଙ୍ଗନବାଡ଼ି ଗୃହଟି ସମ୍ପୂର୍ଣ ଭାବେ ନିର୍ମାଣ ହୋଇ ପାରୁନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଅଧ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ବ୍ୟବହାର ହେଉନଥିବାରୁ ବର୍ତ୍ତମାନ ଏହା ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳି ପାଲଟିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥି ପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କଉଡ଼ିଆ ଗ୍ରାମରେ ଖୋଲିଲା ଧାନମଣ୍ଡି



**ସାନଖେମୁଣ୍ଡି,୧୩।୧(ସମିସ):** ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡି ପଞ୍ଚାୟତରେ ଶ୍ରୀ ଦୁର୍ଗା ସ୍ୱୟଂ ସହାୟକ ସଙ୍ଘ ତରଫରୁ ଡେଙ୍ଗାଡି ଗ୍ରାମରେ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାନଖେମୁଣ୍ଡିର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ, ସମ୍ମାନିତ ଅତିଥି ଭାବେ ଧରାକୋଟ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଦେବୀ, ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ଡିପିସି ଦୁର୍ଯ୍ୟୋଧନ ମଲ୍ଲିକ ଯୋଗଦେଇ ମଣ୍ଡି ଉଦଘାଟନ କରିବା ସହ ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମବାୟ ସମ୍ପାଦକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତର ସମସ୍ତ ଚାଷୀ ମାନେ ଉପସ୍ଥିତ ରହିଥିଲେ।

# ଜିଲ୍ଲାସ୍ତରୀୟ ରେଡକ୍ରସ୍ ଶିବିର ପ୍ରସ୍ତୁତି ବୈଠକ



**ଧରାକୋଟ,୧୩ା୧(ସମିସ):** ଧରାକୋଟ ସ୍ଥିତ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତମାସ ୧୬,୧୭ ଓ ୧୮ ତାରିଖ ତିନି ଦିନ ଧରି ଜୁନିଅର ରେଡକ୍ରସ ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେବେ। ଶିବିରର ସଫଳ ଆୟୋଜନ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଏବିଇଓ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ, ସମସ୍ତ ସିଆରସିସି, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ମାନେ ଯୋଗ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ବିଷୟରେ ତାଲିମ ପ୍ରଦାନ କରିବେ। କିଭଳି ଶାନ୍ତି ଶୃଙ୍ଖଳାର ସହ ଏହି ଶିବିର ସମାପନ ହେବ ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

# ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ ଉତ୍ସବ

**ଛତ୍ରପୁର,୧୩ା୧(ସମିସ)**

ଆଧୁନିକ ଓଡିଶାର ନିର୍ମାତା ତଥା ଓଡିଶାର ବରପୁତ୍ର ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୪ତମ ଜନ୍ମ ଜୟନ୍ତୀ ଗଞ୍ଜାମ ଜିଲ୍ଲା ସଦର ମହକୁମା ଛତ୍ରପୁରଠାରେ ପାଳିତ ହୋଇଛି। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ସହ ଅତିଥିମାନେ ମର୍ଦ୍ଦରାଜ ଦେଓଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠରେ ମର୍ଦ୍ଦରାଜ ଦେଓଙ୍କ ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ୧୯୩୨ ମସିହାରେ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡୋନେଲ କମିଟି ସୁପାରିଶ୍ ଅସମିଚୀନ ଓ ଅଟଲୀ ସବ୍ କମିଟିର ସୁପାରିଶ୍ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ହେଉ ବୋଲି ଦାବି ଉପସ୍ଥାପନ କରିଥିଲେ। ଗଞ୍ଜାମ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅମର ପ୍ରସାଦ ବିଷୋୟୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ତାଙ୍କ ଅଭି ଭାଷଣରେ କହିଥିଲେ ଯେ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ କ୍ଷେତ୍ରରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଅବଦାନ ଅତୁଳନୀୟ। ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ମହାପାତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ସ୍ମୃତି ଚାରଣ କରି କହିଥିଲେ ଯେ, ରାମଚନ୍ଦ୍ର ମର୍ଦ୍ଦରାଜ ପ୍ରକୃତରେ ଗଣତନ୍ତ୍ରର ପ୍ରତିଷ୍ଠାତା ଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ପରିଶେଷରେ ଛତ୍ରପୁରର ବିଶିଷ୍ଟ ସଙ୍ଗୀତ ଗୁରୁ ଗଣେଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



### ଗୁଳିମାଡ଼ରେ ସମିତିସଭ୍ୟ ଗୁରୁତର ଘଟଣା

# ମୁଖ୍ୟ ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

**ପୋଲସରା, ୧୩।୧(ସମିସ)**

ପୋଲସରା ଥାନା ଗରେଇଝୁଲି ଗ୍ରାମରେ ଗତ ୧୦ ତାରିଖରେ ଘଟିଥିବା ଗୁଳିକାଣ୍ଡ ଘଟଣାର ମୁଖ୍ୟ ଅଭିଯୁକ୍ତ ଗୁରୁମୂର୍ତ୍ତି ନାହାକଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ନେଇ ପୋଲସରା ଥାନାଧିକାରୀ କୌଶିକ ମାଝୀ କହିଛନ୍ତି। ସୂଚନା ଯୋଗ୍ୟଯେ, କେନ୍ଦୁବାଡି ପଞ୍ଚାୟତର ସମିତିସଭ୍ୟ ନରେନ୍ଦ୍ର ସ୍ୱାଇଁଙ୍କ ଉପରକୁ ଗତ ବୁଧବାର ବିଳମ୍ବିତ ରାତ୍ରରେ ଗୁଳିମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ନରେନ୍ଦ୍ରଙ୍କୁ ବ୍ରହ୍ମପୁର ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରାଯାଇଥିଲା।




ଗ୍ରାମର କିଛି ଯୁବକ ଅତି ଦ୍ରୁତଗତିରେ ବାଇକ୍ ଚଲାଇବା ଘଟଣାକୁ ନେଇ ଅଭିଯୋଗକାରୀ ଓ ଅଭିଯୁକ୍ତ ଗୋଷ୍ଠୀ ମଧ୍ୟରେ ବଚସା ଉଗ୍ରରୂପ ନେଇ ଗୁଳିକାଣ୍ଡ ଘଟିଥିଲା। ଯାହାକୁ ନେଇ ନରେନ୍ଦ୍ରଙ୍କ ସମ୍ପର୍କୀୟ ଭାଇ ପୋଲସରା ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ପୋଲସରା ଥାନାରେ ଏନେଇ ୩୨/୨୦୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ପୋଲସାରା ଥାନାଧିକାରୀ କୌଶିକ ମାଝୀ ଘଟଣାର ତଦନ୍ତ କରି ଘଟଣାରେ ବ୍ୟବହୃତ ବନ୍ଧୁକକୁ ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛନ୍ତି।

# ଅର୍ପଣ ରଥଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**କ.ନୂଆଗାଁ, ୧୩।୧(ସମିସ)**

କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକର ବାଲିଗକ୍ଷଡ଼ା, ଲେଡିଙ୍ଗିଆ, ସିର୍ତ୍ତିଗୁଡ଼ା, ଆଡ଼ିମାହା, କୁଡୁତୁଲି, ଗୁଞ୍ଜିବାଡ଼ି ଭଳି ଦୁର୍ଗମ ପଞ୍ଚାୟତକୁ ପରିକ୍ରମା କରିଛି ଶ୍ରୀଜଗନ୍ନାଥଙ୍କ ଅର୍ପଣ ରଥ। ଏହାକୁ ପଞ୍ଚାୟତବାସି ସ୍ୱାଗତ କରିଥିଲେ। ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, କୁଡୁତୁଲୀ ସରପଞ୍ଚ ଶ୍ରୀଚନ୍ଦ୍ର ମଲିକ, କୁନାଲ ମଲିକ ଯୋଗଦେଇଥିଲେ। ବିଡିଓ ମନ୍ମଥ ନାଥ ମଲିକଙ୍କ ତତ୍ତ୍ୱାବଧାନରେ ରଥ ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପିଇଓ କେସବ ଚନ୍ଦ୍ର କାମ୍ପୋ, ରଜନୀକାନ୍ତ ଦାସ ରଥର ଇନ୍ ଚାର୍ଜ ଭାବେ ଦାୟିତ୍ୱ ତୁଲାଇଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ



**ଭଞ୍ଜନଗର, ୧୩।୧(ସମିସ)**

ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ଥାନା ଏସଆଇ ମୋହନ କହଁର ଏବଂ ଅନ୍ୟ ପୁଲିସ କର୍ମଚାରୀମାନେ ମୁଜାଗଡ଼ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତି ଏକ ବ୍ୟାଗ ଧରି ସୋରେଦେବୀ ମନ୍ଦିର ନିକଟରେ ଠିଆ ହୋଇଥିବା ସୂଚନା ମିଳିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକାଇ ଥିଲେ। ତାଙ୍କ ନିକଟରେ ଥିବା ବ୍ୟାଗର ତଲାସୀ ନେବାରୁ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ତାହାକୁ ଓଜନ କରିବାରେ ମୋଟ ୨୨ କିଲୋଗ୍ରାମ ୪୯୦ଗ୍ରାମ ଥିବା ଜଣାପଡ଼ିଛି। ଅଭିଯୁକ୍ତ ହେଲେ ପୁରୁଷୋତ୍ତମପୁର ଥାନା କନକ ସାହିର କୈଳାସ ବେହେରା। ପୁଲିସ କୈଳାସକୁ ଗିରଫ କରିବା ସହ ଭଞ୍ଜନଗର ଥାନାରେ କେସନଂ୩୫/୨୪ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିବା ନେଇ ଥାନା ଅଧିକାରୀ ଭଗବାନ ପୂଜାରୀ କହିଛନ୍ତି।

### ବନ୍ଧୁକ ଦେଖାଇ ନାବାଳିକାଙ୍କୁ ଅପହରଣ

# ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର, ୧୩।୧(ସମିସ)**

ଜଣେ ନାବାଳିକାକୁ ବନ୍ଧୁକ ଦେଖାଇ ଅପହରଣ ପରେ ଦୁଷ୍କର୍ମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ କନ୍ଧମାଳ ଜିଲ୍ଲା ଡ଼ିମିରିପଲ୍ଲୀ ରାଇକା ଗ୍ରାମର ବାଦଲ କୁମାର ମିଶ୍ର(୨୪) ବୋଲି ପୁଲିସ କହିଛି। ବାଦଲ ଓ ତାଙ୍କ ପରିବାର ଲୋକେ ବ୍ରହ୍ମପୁରରେ ରହୁଥିଲେ। ପୁଲିସ ପିଡିତା ଓ ଅଭିଯୁକ୍ତ ବାଦଲଙ୍କ ମେଡ଼ିକାଲ ପରୀକ୍ଷା ଓ ପିଡିତାଙ୍କ ବୟାନ ରେକର୍ଡ କରିଛି। ସୂଚନାଯୋଗ୍ୟ ଯେ, ଗତ ନଭେମ୍ବର ୧୯ ତାରିଖ ବିଳମ୍ବିତ ରାତିରେ ଗଜପତି ନଗର ୭ମ ଲାଇନର ଜଣେ ୧୬ବର୍ଷୀୟ ନାବାଳିକାକୁ ବାଦଲ ମିଶ୍ର ନାମକ ଜଣେ ଯୁବକ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିବା ନେଇ ନାବାଳିକାଙ୍କ ମା' ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଏପରିକି ନାବାଳିକାଙ୍କ ମାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଗଜପତି ନଗର ସ୍ଥିତ ବ୍ୟାଘ୍ରଦେବୀ ମନ୍ଦିରରେ ଅଭିଯୁକ୍ତ ବାଦଲର ବାପା ବାବୁଲା ମିଶ୍ର ପୂଜକ କାମ କରୁଥିବା ବେଳେ ନାବାଳିକାଙ୍କ ପରିବାର ସହିତ ବାଦଲଙ୍କ ପରିବାର ମଧ୍ୟରେ ସମ୍ପର୍କ ଗଢିଉଠିଥିଲା। ପରେ ପୂଜକ ବାବୁଲା ମିଶ୍ରଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମଧ ପୂର୍ବରୁ ମନ୍ଦିରର ପୂଜକ ପଦବୀରୁ ବହିଷ୍କୃତ କରାଯାଇଥିଲା। ଏହାପରେ ବାବୁଲା ଓ ତାଙ୍କ ପରିବାର ଗଜପତିନଗର ଅଞ୍ଚଳ ଛାଡି ଅନ୍ୟତ୍ର ଚାଲିଯାଇଥିବା ଜଣାପଡ଼ିଛି। ତେବେ ଅପହୃତା ନାବାଳିକା ଝିଅକୁ ସୁରକ୍ଷିତ ଉଦ୍ଧାର କରିବାପାଇଁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଆଧାର କରି ପୁଲିସ ୬୦୧/୨୩ ତଥା ୩୬୩/୩୨୩/୫୦୬//୩୪ଆଇପିସି ଓ ଆମନ୍ସ ସେକ୍ସେନ-୨୫ଆର୍ଟରେ ଏକ ମାମଲା ରୁଜୁ କରିଥିଲା। ଶୁକ୍ରବାର ପୁଲିସ ବାଦଲକୁ ଗିରଫ କରିଥିବା ତଦନ୍ତ ଅଧିକାରୀ ଦୁଷ୍ମନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି।



## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ସାନଖେମୁଣ୍ଡି, ୧୩।୧(ସମିସ):** ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଧର୍ମପୁର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ ଘଟିଛି। ମୃତକ ହେଲେ ଧର୍ମପୁର ଗ୍ରାମର ଏସ.ଭାସ୍କର ଦୋରା। ଶନିବାର ଭୋର ୪ଟାରେ ନୂଆବନ୍ଧ ପୋଖରୀରେ ଏସ.ଭାସ୍କର ଗାଧୋଇବା ପାଇଁ ଯାଇଥିବାବେଳେ ଗୋଡ଼ ଖସି ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁଇ ଦିନରେ ୨ଟି ଶବ ଉଦ୍ଧାର

**ଖଲ୍ଲିକୋଟ, ୧୩।୧(ସମିସ):** ଖଲ୍ଲିକୋଟ ଥାନା ଅଞ୍ଚଳରୁ ଦୁଇ ଦିନରେ ଦୁଇଟି ଗଳିତ ଶବ ଉଦ୍ଧାର କରାଯାଇଛି। ଶୁକ୍ରବାର ଗୋପପୁର ନିକଟସ୍ଥ ପାଇପ ଡିପୋରୁ ଏକ ଗଳିତ ଶବ ଉଦ୍ଧାର ହୋଇଥିବା ବେଳେ ଶନିବାର କୁଟୁମ୍ବ କଲ୍ୟାଣ ମଣ୍ଡପ ନିକଟରୁ ଏକ ଗଳିତ ଶବକୁ ଉଦ୍ଧାର ହୋଇଛି। ଶନିବାର ପୂର୍ବାହ୍ନ ୧୧ଟାରେ କୁଟୁମ୍ବ କଲ୍ୟାଣ ମଣ୍ଡପ ନିକଟ ରାସ୍ତାରେ ଜଣେ ବ୍ୟକ୍ତିଙ୍କ ଗଳିତ ଶବ ପଡ଼ିଥିବା କିଛି ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ପ୍ରଭାକର ଗନ୍ତା ପହଞ୍ଚି ଶବ ଜବତ କରିଥିଲେ। ତେବେ ଶବଟି ନିର୍ମଳଝରର କୈଳାସ ଦାସଙ୍କର ବୋଲି ଜଣାପଡ଼ିଛି। କୈଳାସ ଗତ ୧ ତାରିଖ ଠାରୁ ନିଖୋଜ ଥିଲେ। ଶନିବାର ତାଙ୍କ ଗଳିତ ଶବ ମିଳିବା ପରେ ସେଠାରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ଥାନା କେସନଂ ୪/୨୦୨୪ ଅନୁଯାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ଅଧିକ ଅନୁସନ୍ଧାନ ଜାରି ରଖିଛି।

## ବିଶ୍ୱ ଯୁବ ଦିବସ ପାଳିତ

**ବାଲିଗୁଡ଼ା, ୧୩।୧(ସମିସ):** ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ୍ ଓ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶ୍ୱ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଲିଗୁଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ସୁଶାନ୍ତ ମୁଣ୍ଡ, ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ଯୁବ ରେଡକ୍ରସ୍ କନ୍ଧମାଳ ଜିଲ୍ଲା ସଂଯୋଜକ ଡ଼ ବିଭୂତିଭୂଷଣ ଆଚାର୍ଯ୍ୟ, କାଉନସେଲର ଅଧ୍ୟାପକ ଦଣ୍ଡପାଣି ଭୂୟାଁ ଯୋଜନା ଅଧିକାରୀ ଅଧ୍ୟାପକ ଦୁଷ୍ମନ୍ତ କୁମାର ଶବର, ଅଧ୍ୟାପିକା ଅରୁନ୍ଧତୀ ପ୍ରଧାନ ଯୋଗ ଦେଇ ଯୁବକମାନେ ଆମ ଦେଶର ଭବିଷ୍ୟତ ସେମାନେ ସ୍ୱାମୀ ବିବେକାନନ୍ଦଙ୍କ ବାଣୀରେ ନିଜକୁ ଉଦବୁଦ୍ଧ କରିବାକୁ ଆହ୍ୱାନ ଦେଇଛନ୍ତି। +୨ଓ +୩ଶ୍ରେଣୀ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## ରାଷ୍ଟ୍ରୀୟ ଯୁବ ଦିବସ ପାଳିତ

**ପାରଳାଖେମୁଣ୍ଡି, ୧୩।୧(ସମିସ):** ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ଏବଂ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପାରଳାଖେମୁଣ୍ଡି ଶାଖା ଆନୁକୂଲ୍ୟରେ ସ୍ଥାନୀୟ ଉତ୍କଳ ହିତୈଷି ସମାଜ ସଭା ଗୃହରେ ଅନୁଷ୍ଠାନର ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଯୁବ ଦିବସ ପାଳିତ ହୋଇଯାଇଛି। ଅତିଥି ପରିଚୟ ପ୍ରଦାନ କରିଥିଲେ ଉପସଭାପତି ମନୋଜ କୁମାର ପଟ୍ଟନାୟକ। ସ୍ୱଦେଶ ମନ୍ତ୍ର ପାଠ କରିଥିଲେ ଅନୁଷ୍ଠାନର ସମ୍ପାଦିକା ସସ୍ମିତା ଦାସ। ବିବରଣୀ ପାଠ କରିଥିଲେ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନର ସଂଯୋଜିକା ଅରୁପାଞ୍ଜଳୀ ମହାନ୍ତି। ଯୁବ ବ୍ୟାପାର ପରିଷଦର ସଂଯୋଜିକ ଅର୍ଜୁନ ମଣ୍ଡଳ ସାମ୍ପ୍ରତିକ ପରିସ୍ଥିତିରେ ସ୍ୱାମୀଜୀଙ୍କ ଆଦର୍ଶ କିଭଳି ମହୌଷଧି, ତାହା ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଜିତେନ୍ଦ୍ରନାଥ ପଟ୍ଟନାୟକ। ପର୍ଶୁରାମ ଗୁରୁକୁଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ. ଶଶୀକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଚକାପାଦ, ୧୩।୧(ସମିସ)**

କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର କୁସୁମେଣ୍ଡି ପଞ୍ଚାୟତର ବରଡ଼ା ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତର ଛାତ୍ରଛାତ୍ରୀ ମାନେ ଯୋଗଦେଇଥିବା ଜଣାଯାଇଛି। ଉଦଯାପନୀ ଉତ୍ସବରେ ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଚକାପାଦ ବିଡିଓ ହୃଦରଞ୍ଜନ ସାହୁ, କୁସୁମେଣ୍ଡି ସରପଞ୍ଚ ସୁମତି କହଁର, ସମିତି ସଭ୍ୟା ମାମାଲି ନାଏକ, ବପଲମେଣ୍ଡିର ସମିତି ସଭ୍ୟା ଶ୍ରଦ୍ଧାଞ୍ଜଳି ବେହେରା, ଶଙ୍କରାଖୋଲ ସରପଞ୍ଚ ଜାନକୀ ପ୍ରଧାନ, ସମିତିସଭ୍ୟ କିରାପ ପ୍ରଧାନ, ଆରାବକା ସମିତି ସଭ୍ୟ, ବ୍ରାହ୍ମଣପାଦ ସରପଞ୍ଚ ହେମକେଶ ମଲିକ, ଚକାପାଦ ସମିତି ସଭ୍ୟ, ଚକାପାଦ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାଗେଶ୍ୱର ପ୍ରଧାନ, କୁଇଦିନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ତ୍ରୈଲୋକ୍ୟନାଥ ସେନାପତି, ବିବି. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ହିନ୍ଦି ଶିକ୍ଷକ ଲକ୍ଷ୍ମୀ ନାରାୟଣ ପୁରୋହିତଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ ସମସ୍ତଙ୍କୁ ମୁଗ୍ଧ କରିଥିଲା। ମଞ୍ଚ ପରିଚାଳନା କରିଥିଲେ ସୁବୋଧ କୁମାର ସାହାଣୀ।



# ତହସିଲ ପ୍ରଶାସନ ପକ୍ଷରୁ ସରପଞ୍ଚଙ୍କୁ ସମ୍ବର୍ଦ୍ଧନା



**ଦିଗପହଣ୍ଡି, ୧୩।୧(ସମିସ)**

ରାଜସ୍ୱ ସମ୍ପର୍କିତ ବିଭିନ୍ନ କାର୍ଯ୍ୟରେ ତହସିଲ ପ୍ରଶାସନକୁ ସହଯୋଗ କରି ଆସୁଥିବା ଦିଗପହଣ୍ଡି ବ୍ଲକର ସରପଞ୍ଚ ମାନଙ୍କୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶୁକ୍ରବାର ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ଦ୍ୱାରା ବିଭିନ୍ନ ପଞ୍ଚାୟତର ସରପଞ୍ଚ ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ କାର୍ଯ୍ୟାଳୟରେ ସ୍ଥାନୀୟ ସରପଞ୍ଚ ବି . ସନ୍ଧ୍ୟାରାଣୀ ସୁବୁଦ୍ଧିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ଦିଗପହଣ୍ଡି ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ଅଧିନସ୍ଥ କୁଶପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବନିତା ସେଠୀ, ସିଦ୍ଧେଶ୍ୱର ସରପଞ୍ଚ ବିଜୟ ପ୍ରଧାନ ଏବଂ କଇଁଠଡା ପଞ୍ଚାୟତରେ ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼ଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜସ୍ୱ ସୁପରଭାଇଜର ବାବୁ ସେଠୀ, ପଦ୍ମନାଭପୁର ରାଜସ୍ୱ ନିରୀକ୍ଷିକା ପୁଷ୍ପାଞ୍ଜଳୀ ମଲ୍ଲିକ, ରାଜସ୍ୱ ନୀରିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଉପେନ୍ଦ୍ର ବେହେରା, ପଦ୍ମନାଭପୁର ସରପଞ୍ଚ ପ୍ରତିନିଧି ବି. କ୍ରିଷ୍ଣାରାଓ ସୁବୁଦ୍ଧି, କୁଶପଡ଼ା ସରପଞ୍ଚ ପ୍ରତିନିଧି ପ୍ରଦୀପ ସେଠୀଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୱାରେଣ୍ଟି ଧରପଗଡ଼

**ବ୍ରହ୍ମପୁର, ୧୩।୧(ସମିସ)**

ହତ୍ୟା, ଡକାୟତି, ଲୁଟ ସମେତ ବିଭିନ୍ନ ୱାରେଣ୍ଟି ଧରପଗଡ଼କୁ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ସମସ୍ତ ଥାନା ଅଧିକାରୀଙ୍କୁ ଏସପିଙ୍କ ନିର୍ଦ୍ଦେଶ ହୋଇଛି। ବର୍ତ୍ତମାନ ସବୁ ଥାନାରେ ୱାରେଣ୍ଟି ଧରପଗଡ଼ ଆରମ୍ଭ ହୋଇଛି। ଶନିବାର ବଡ଼ ବଜାର ଥାନା ପୁଲିସ ଏକ ଆକ୍ରମଣ ମାମଲାରେ ସମ୍ପୃକ୍ତ ରହି ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତକୁ ଏନବିଡ଼ାବ୍ଲୁ ୱାରେଣ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ବଡ଼ ବଜାର ରାଧାକୃଷ୍ଣ ସାହି ଗୋବିନ୍ଦ ନଗରର ସୁଦାମ ବିଷୋୟୀ(୫୨)। ମିଳିଥିବା ସୂଚନା ପ୍ରକାରେ ୨୦୨୨ ଡିସେମ୍ବର୧୩ ତାରିଖରେ ବଡବଜାର ଥାନା ଅନ୍ତର୍ଗତ ପ୍ରହଲ୍ଲାଦ ନଗର ନିବାସୀ କାଲୁ ଚରଣ ମହାପାତ୍ର ବାଇକରେ ଯାଉଥିବା ବେଳେ ପୁରୁଣା ବ୍ରହ୍ମପୁର ହାଇ ସ୍କୁଲ ନିକଟରେ ସମୀର ଜେନା ଓ ତାଙ୍କ ସହଯୋଗୀ ସୁଦାମ ଅଟକାଇ ଖଣ୍ଡାରେ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିଲେ। ଫଳରେ କାଲୁ ଚରଣ ଗୁରୁତର ଆହତ ହୋଇଥିଲେ। ଏନେଇ କାଲୁଙ୍କ ଭାଇ ଦୀପକ କୁମାର ମହାପାତ୍ର ବଡ଼ ବଜାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସମୀର ଜେନାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣା ପରଠାରୁ ସୁଦାମ ଫେରାର ରହିଥିଲା। ଫଳରେ କୋର୍ଟ ତାଙ୍କ ନାମରେ ଏନବିଡବ୍ଲୁ ୱାରେଣ୍ଟ ଜାରି କରିଥିଲେ। ଦୀର୍ଘ ବର୍ଷ ଧରି ପୁଲିସ ସୁଦାମକୁ ଖୋଜୁଥିବା ବେଳେ ଶୁକ୍ରବାର ରାତିରେ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା।

### ଆକ୍ରମଣ ମାମଲାରେ ୱାରେଣ୍ଟିରେ ଗିରଫ କଲା ପୁଲିସ



### ସୂଚନା ଅଧିକାର କର୍ମୀ ହତ୍ୟା ମାମଲା

# ପୁଣି ୫ ଜଣଙ୍କ ନାଁରେ ନୋଟିସ ଜାରି

**ଫୁଲବାଣୀ,୧୩।୧(ସମିସ)**

କନ୍ଧମାଳ ଜିଲ୍ଲାର ବହୁ ଚର୍ଚ୍ଚିତ ସୂଚନା ଅଧିକାର କର୍ମୀ ଅଭିମନ୍ୟୁ ପଣ୍ଡା ହତ୍ୟା ଘଟଣାରେ ଆଉ ୫ ଜଣଙ୍କୁ ସାମିଲ କରାଯାଇଛି। ସେମାନଙ୍କୁ ଆସନ୍ତା ୩୦ରେ କୋର୍ଟରେ ହାଜିର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟ। ଅଭିଯୁକ୍ତମାନେ ହେଲେ ଶ୍ୟାମସୁନ୍ଦର ପାତ୍ର, ବିଶ୍ୱନାଥ ପାତ୍ର, ଗୋପାଳ ଚନ୍ଦ୍ର ପାତ୍ର, ରାମଚନ୍ଦ୍ର ପାତ୍ର ଓ ଆନନ୍ଦ ପ୍ରସାଦ ଆଚାର୍ଯ୍ୟ। କୋର୍ଟ ଏହି ୫ ଜଣ ହତ୍ୟା ଘଟଣାରେ ସାମିଲ ଥିବା ନେଇ ହୃଦୟଙ୍ଗମ କରିବାରୁ ନୋଟିସ କରିଛନ୍ତି। ୨୦୧୯ରେ ଅଭିମନ୍ୟୁ ହତ୍ୟା ଘଟଣାରେ ପୁଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ଅଭିମନ୍ୟୁଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାରେ ସମ୍ପୃକ୍ତ ୫ ଜଣ ଙ୍କ ନାମ ଦର୍ଶା ଯାଇଥିଲେ ମଧ୍ୟ ପୁଲିସ ଏହି ୫ଜଣ ହତ୍ୟାକାଣ୍ଡରେ ସମ୍ପୃକ୍ତ ନଥିବା କହିଥିଲା। ସେତେବେଳେ ୫ ଜଣଙ୍କୁ ଗିରଫ କରିଥିବା ବେଳେ ବହୁଦିନ ପରେ ଆସ୍କାରୁ ମାଷ୍ଟର ମାଇଣ୍ଡକୁ ଧରି କୋର୍ଟଚାଲଣ କରିଥିଲା। ହେଲେ ଏତଲାରେ ଥିବା ଏହି ୫ଜଣଙ୍କ ନାଁରେ ଚାର୍ଜସିଟ୍ ଦାଖଲ କରିନଥିଲା। ମାମଲାର ବିଚାରଣବେଳେ ୧୪ ଜଣଙ୍କ ସାକ୍ଷୀଙ୍କ ବୟାନକୁ ନେଇ କୋର୍ଟ ହୃଦୟଙ୍ଗମ କରିଥିଲେ ଏହି ୫ ଜଣ ମଧ୍ୟ ସାମିଲ ଅଛିନ୍ତି। ତେଣୁ ସେମାନଙ୍କୁ ହାଜର ହେବାକୁ ନୋଟିସ କରିଛନ୍ତି ବୋଲି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟର ପିପି ତ୍ରିଲୋଚନ ପରିଡା କହିଛନ୍ତି।

ସୂଚନାଯୋଗ୍ୟ୨୦୧୯ ଡିସେମ୍ବର ୧୦ ତାରିଖ ଦିନ ବାଲିଗୁଡ଼ା ସହର ପାତ୍ର ସାହିରେ ସୂଚନା ଅଧିକାର କର୍ମୀଙ୍କୁ ୨ଜଣ ଦୁର୍ବୃତ୍ତ ତାଙ୍କୁ ଘରୁ ଡାକି ଗୁଳି କରି କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ● ନୂଆ ରୂପନେଲା ୨୮ ବିଦ୍ୟାଳୟ

# ଭର୍ଚୁଆଲ୍‌ରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**ମୋହନା,୧୩।୧(ସମିସ):** ଚତୁର୍ଥ ପର୍ଯ୍ୟାୟରେ ୫ଟି ରୂପାନ୍ତରିତ ମାଧ୍ୟମରେ ଗଜପତି ଜିଲ୍ଲା ରେ ୨୮ଟି ବିଦ୍ୟାଳୟକୁ ଶନିବାର ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୋହନା ବ୍ଲକ ଆଲିଗଣ୍ଡା ଗ୍ରାମ ସ୍ଥିତ ସିଏନ୍ ନିର୍ମଳା ହାଇସ୍କୁଲରେ ଜିଲ୍ଲାସ୍ତରୀୟ ଉଦଘାଟନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷା କ୍ଷେତ୍ର ରେ ଯୁଗାନ୍ତକାରି ପରିବର୍ତ୍ତନରେ ସରକାର ଙ୍କ ଭୂମିକା ସମ୍ପର୍କ ରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ




ଜି. ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ପ୍ରମୁଖ ଯୋଗ ଦେଇଥିଲେ ଜିଲ୍ଲାର ୨୮ଟି ବିଦ୍ୟାଳୟ ୫-ଟି ମାଧ୍ୟମରେ ରୂପାନ୍ତରିତ ହେବା ଦ୍ୱାରା ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ବୈପବ୍ଲିକ ପରିବର୍ତ୍ତନ ଆଶା କରିଛନ୍ତି ଜିଲ୍ଲାବାସୀ।

# ପର୍ଶୁରାମଧାମକୁ ଅଯୋଧ୍ୟାରୁ ଆସିଲା ନିମନ୍ତ୍ରଣ

**ପାରଳାଖେମୁଣ୍ଡି,୧୩।୧(ସମିସ):** ଚଳିତ ମାସ ୨୨ ତାରିଖରେ ଅଯୋଧ୍ୟରେ ରାମ ମନ୍ଦିର ପ୍ରତିଷ୍ଠା ହେବ। ଏହି ପ୍ରତିଷ୍ଠା ପାଇଁ ସମସ୍ତ ଧାମ ଏବଂ ସମସ୍ତ ପୀଠର ପୀଠାଧୀଶ୍ୱରମାନଙ୍କୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ଯୋଗଦେବାକୁ ଶ୍ରୀରାମ ଜନ୍ମଭୂମି ନ୍ୟାସ ତରଫରୁ ନିମନ୍ତ୍ରଣ ହୋଇଛି। ଏହି କ୍ରମରେ ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରେ ଥିବା ପର୍ଶୁରାମ ଧାମ ପୀଠାଧିଶ୍ୱର ସାଧାକ ଶିରୋମଣୀ ଦଣ୍ଡିସ୍ୱାମୀ ଭାସ୍କରତୀର୍ଥ (ଲକ୍ଷ୍ମୀ ବାବା)ଙ୍କୁ ମଧ୍ୟ ନିମନ୍ତ୍ରଣ ହୋଇଛି। ଏନେଇ ଲକ୍ଷ୍ମୀବାବା ଶନିବାର ପାରଳାଖେମୁଣ୍ଡି ସ୍ଥିତ ବଡରାଧାକାନ୍ତ ମନ୍ଦିର ପରିସରରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ



ସୂଚନା ଦେଇଛନ୍ତି । ପ୍ରକାଶ ଯେ, ଦଣ୍ଡିସ୍ୱାମୀ ଭାସ୍କରତୀର୍ଥ ଓଡିଶା, ଆନ୍ଧ୍ର ଏବଂ ତେଲାଙ୍ଗାନାର ଅଧ୍ୟକ୍ଷ ତଥା ବିଶ୍ୱ ହିନ୍ଦୁ ପରିଷଦର କେନ୍ଦ୍ରୀୟ ମାର୍ଗଦର୍ଶ ମଣ୍ଡଳୀର ସଦସ୍ୟ ଅଟନ୍ତି । ଦଣ୍ଡିସ୍ୱାମୀ ଭାସ୍କରତୀର୍ଥ (ଲକ୍ଷ୍ମୀବାବା) ତାଙ୍କରି ସାଥିରେ ତାଙ୍କରି ସେବକ ସ୍ୱାମୀ ଅଖଣ୍ଡାନନ୍ଦଙ୍କୁ ପର୍ଶୁରାମଙ୍କ ସ୍ୱରୂପରେ ତଥା ଗଜପତି ଜିଲ୍ଲାର ଶବର ସମାଜର ସନ୍ଥ ଶ୍ରୀଡମ୍ବରୁଧର ମଣ୍ଡଳଙ୍କୁ ସାଙ୍ଗରେ ଧରିଯିବେ । ସେମାନଙ୍କ ପାଇଁ ମଧ୍ୟ ଶ୍ରୀରାମ ଜନ୍ମଭୂମି ନ୍ୟାସ ତରଫରୁ ନିମନ୍ତ୍ରଣ ଆସିଛି ।

# କଂଗ୍ରେସର ଜୋନ୍‌ସ୍ତରୀୟ କର୍ମୀ ସମ୍ମିଳନୀ

**ଜି. ଉଦୟଗିରି,୧୩।୧(ସମିସ):** ଜି. ଉଦୟଗିରି କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ସଦାନନ୍ଦ ନାୟକଙ୍କ ନେତୃତ୍ୱରେ ଜୋନସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ସଦାନନ୍ଦ ନାୟକ, ନଗର କଂଗ୍ରସ ସଭାପତି ସୂର୍ଯ୍ୟକାନ୍ତ ନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଟାର୍ଜନ ସାହୁ, ପୂର୍ବତନ ନଗର କଂଗ୍ରେସ ସଭାପତି ଗଗନ କୁମାର ପ୍ରଧାନ, ୱାର୍ଡନଂ୮ର କାଉନସିଲର ଯାକେଶ ପ୍ରଧାନ, ବରିଷ୍ଠ କଂଗ୍ରେସ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ତରଣୀସେନ ନାୟକ, ମାନ ଭଞ୍ଜନ ପ୍ରଧାନ, ଥୋମାସ ପ୍ରଧାନ, ଦେବେନ୍ଦ୍ର ନାୟକ, ପ୍ରମୋଦ ପ୍ରଧାନ, ମହୀପତି



ନାୟକ, ମିଳନ ନାୟକ, ସୁଧୀର ଦିଗାଳ, କଂଗ୍ରେସ କର୍ମୀ ସୁବ୍ରମନ୍ୟୁ ନାୟକ, ଉମେଶ ମଲ୍ଲିକ, ଅବକାଶ ନାୟକ, ମଧୁଲିନା ଦିଗାଳ, ବିବୁନା ପ୍ରଧାନ, ଜିଖରିୟ ନାୟକ, ହିରେନ ନାୟକ ଓ ରାଇକିଆ ବ୍ଲକ କଂଗ୍ରେସ ସଭାପତି କ୍ରିଷ୍ଣା ପ୍ରିୟା ପ୍ରଧାନଙ୍କ ସମେତ ପଞ୍ଚାୟତ କଂଗ୍ରେସ ସଭାପତିଙ୍କ ସହ କର୍ମକର୍ତ୍ତା ଯୋଗଦେଇ ଥିଲେ। ଜୋନସ୍ତରିୟ କମିଟି ପାଇଁ ସଭାପତି ଭାବେ ମାନଭଞ୍ଜନ ପ୍ରଧାନ, ଉପସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ପାଦକ ଥୋମାସ ପ୍ରଧାନ, ସହସଂପାଦକ ଗଗନ କୁମାର ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର ନାୟକଙ୍କୁ ମନୋନୀତ କରାଯାଇଛି। ବ୍ଲକ ସଭାପତି ସଦାନନ୍ଦ ନାୟକ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ କଂଗ୍ରେସ କର୍ମୀ ପ୍ରମୋଦ ପ୍ରଧାନ ଓ ରାଇକିଆ ବ୍ଲକ କଂଗ୍ରେସ ସଭାପତି କ୍ରିଷ୍ଣା ପ୍ରିୟା ପ୍ରଧାନ ଯୋଗଦେଇ ଆଗାମୀ ନିର୍ବାଚନ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକ ସଭାପତି ସଦାନନ୍ଦ ନାୟକ ଧନ୍ୟବାଦ ଦେଇଥିଲେ।

### ଧାନଜମିରେ ଭୟାବହ ଅଗ୍ନିକାଣ୍ଡ

# ଅମଳ ଧାନ, ପରିବା ପୋଡ଼ି ପାଉଁଶ

**ପାରଳାଖେମୁଣ୍ଡି,୧୩।୧(ସମିସ):** ଗୋଷାଣି ବ୍ଲକ ଅନ୍ତର୍ଗତ କଇଠଡା-ମହାଦେଇପୁର ଗ୍ରାମାଞ୍ଚଳର ଶହ ଶହ ଏକର ଧାନ ଜମିରେ ନିଆଁ ଲାଗିଛି । କେଉଁ ଦୁର୍ବୃତ୍ତ ଏହି କାଣ୍ଡ ଭିଆଇଥିବାର ଚର୍ଚ୍ଚା ହେଉଛି। ଶନିବାର ଅପରାହ୍ନ ୨ଟାବେଳେ କଇଠଡା ଗ୍ରାମାଞ୍ଚଳ ପଟରୁ ମହାଦେଇପୁର ଯାହାକି ପ୍ରାୟ ତିନି କିମି ବ୍ୟାପି ଜମିରେ ନିଆଁ ମାଡି ଆସିଥିବାର ମହାଦେଇପୁର ଗ୍ରାମବାସୀ ଦେଖିଥିଲେ । ତୁରନ୍ତ ପାରଳାଖେମୁଣ୍ଡି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଗାଡି ଆସିବା ପୂର୍ବରୁ ଶହ ଶହ ଏକର ଜମିରେ ନିଆଁ ଲାଗି ଯାଇଥିଲା। ବହୁ ଚାଷୀ ଅମଳ ହୋଇସାରିଥିବା ଧାନକୁ ଧାନମଣ୍ଡିକୁ ନେବାପାଇଁ ପ୍ରସ୍ତୁ କରି ରଖିଥିବା ଧାନ ସହ କଦଳୀ ଚାଷ, କାନ୍ଦୁଲ ଚାଷ, ଝଟା ଚାଷ ଆଦି ପୋଡି ପାଉଁଶ ହୋଇଯାଇଥିଲା। ଅଗ୍ନିଶମ ବିଭାଗର ୩ଟି ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁରାଣ୍ଡି ଆରଆଇ ଧନ ସେଠାି ପହଞ୍ଚି କ୍ଷୟକ୍ଷତିର ଆକଳନ କରୁଛନ୍ତି।



# ଅଭିଭାବକ ଓ ଶିକ୍ଷକଙ୍କ ସମ୍ମିଳନୀ

**ଚକାପାଦ,୧୩।୧(ସମିସ):** ଶଙ୍କରାଖୋଲରେ ଥିବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ, ସ୍କୁଲ ସଭାପତି ନଳଦେବ କହଁର, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା, ସାମ୍ବାଦିକ ବାଳକୃଷ୍ଣ କହଁର, ମନୋଜ ଗୌଡ଼ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଭିଭାବକ ମାନେ ତାଙ୍କ ପିଲା ମାନଙ୍କ ସୁରକ୍ଷା ଓ ପାଠ ପଢ଼ାକୁ




ଗୁରତ୍ୱ ଦେବାପାଇଁ ସ୍କୁଲ ଆଲୋଚନା ହୋଇଥିଲଶ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଥିବାବେଳେ ମନୋଜ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ ଓ ରାଜଶ୍ରୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଗଞ୍ଜେଇ ସହ କାର ଜବତ ଜଣେ ଗିରଫ

**ବାଲିଗୁଡା,୧୩।୧(ସମିସ):** ବାଲିଗୁଡା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଧିକାରୀ ହରି ଶଙ୍କର ମାଠିଆ ସନ୍ଧ୍ୟା ୭ଟାରେ ବାରଖମା ଠାରୁ ପୁନୀନାଟ ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ପୁନୀନାଟ ଜଙ୍ଗଲ ନିକଟରେ ଏକ କାର ଆସୁଥିବା ବେଳେ ଅଟକାଇ ଚେକିଙ୍ଗ କରିଥିଲେ। ତେବେ ଏତିକିବେଳେ କୌଶଳକ୍ରମେ ଘଟଣାସ୍ଥଳରୁ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲା। ହେଲେ ଗାଡିରେ ବସିଥିବା ବରଗଡ ଜିଲ୍ଲା ପାଇକମାଳ ଥାନା ଅନ୍ତର୍ଗତ ଭୂତମୁଣ୍ଡା ଗ୍ରାମର ଅକ୍ରୁର ମାଝିକୁ ଗିରଫ କରିଥିଲା। ଏଥିସହ କେସନଂ.୧୫ /୨୪ ରେ ଏକ ମାମଲା ରୁଜୁ ହୋଇଛି। କାରରୁ ଦୁଇଟି ବସ୍ତାରୁ ୭୮ କେଜି ଗଞ୍ଜେଇ ଜବତ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।



# ଓଡ଼ିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ

**ଜି.ଉଦୟଗିରି,୧୩।୧(ସମିସ):** ଜି. ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ଓ ଶ୍ରୀଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ନୋଡ଼ାଲ ଅଫିସର ଓଡ଼ିଆ ବିଭାଗ ଅଧ୍ୟାପିକା ଡ଼ ବବିତାରାଣୀ ପଟ୍ଟନାୟକ ପରିଚାଳନା କରିଥିଲେ। ଅଧ୍ୟାପିକା ମିନତୀ ଦାଶ, ସୁଦ୍ଧା ରାଣୀ ପାତ୍ର, ସସ୍ମିତା ଦାଶ ସହଯୋଗ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରିପ୍ରେକ୍ଷୀରେ ବିଭିନ୍ନ ପ୍ରକାର ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟକ୍ରମ ୧୦ ଦିନ ଅନୁଷ୍ଠିତ ହେବ ବୋଲି ନୋଡାଲ ଅଫିସର ଡ଼ ପଟ୍ଟନାୟକ କହିଥିଲେ।



# ସାମ୍ବାଦିକ ସଂଘର କର୍ମକର୍ତ୍ତା ଚୟନ



**ଦାରିଙ୍ଗବାଡି,୧୩।୧(ସମିସ):** ଉତ୍କଳ ସାମ୍ବାଦିକ ସଂଘର ଜିଲ୍ଲା ସଭାପତି ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଡୁଲୁରି ପାଇନ ବଣ ଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ହେବା ସହ ବ୍ଲକ ସଂଘ ନିମନ୍ତେ କର୍ମକର୍ତ୍ତା ଚୟନ ହୋଇଥିଲା। ସଂଘର ବ୍ଲକ ସଭାପତି ଭାବେ ତରଣୀ କୁମାର ସାହୁ ସମ୍ପାଦକ ଅଶ୍ୱନ୍ ମନ୍ତ୍ରୀ ଚୟନ ହୋଇଥିଲେ। ଉପସଭାପତି ଲକ୍ଷ୍ମୀକାନ୍ତ ରାଜଗୁରୁ, ସହ ସମ୍ପାଦକ ବରୁଣ କୁମାର ସିଂ, କୋଷାଧ୍ୟକ୍ଷ ରାଜୀବ ମୁଠାମାଝୀଙ୍କୁ ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଜିଲ୍ଲା ଉପସଭାପତି ପ୍ରେମଚାନ୍ଦ ସିଂ ଚୟନ ହୋଇଥିଲେ। ଉତ୍କଳ ସାମ୍ବାଦିକ ସଂଘରେ ନୂତନ ସଦସ୍ୟ ଭାବେ ସତ୍ୟାର୍ଥ ସିଂ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଜିଲ୍ଲା ଉପ ସଭାପତି ପ୍ରେମଚାନ୍ଦ ସିଂଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା କମିଟିର କୋଷାଧ୍ୟକ୍ଷ ସୁବାସ ମହାରଣା ଉପସ୍ଥିତ ଥିଲେ। ଜିଲ୍ଲା ସହସମ୍ପାଦକ ଅଶ୍ୱିନ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟସର ଚାଷ ଦେଇଛି ରୋଜଗାର

**ପାରଳାଖେମୁଣ୍ଡି,୧୩।୧(ସମିସ)**





ଗଜପତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଶହ ଶହ ଏକର ଜମିରେ ଲାଗିଛି ଅସନ ଅର୍ଜୁନ ଗଛ। ଯେଉଁଥିରେ ହେଉଛି ଟସର ଚାଷ। ଅଦରକାରୀ ପଦର ଜମିରେ ଟସର ଚାଷ କରି ଲାଭବାନ ହେଉଛନ୍ତି ଚାଷୀ। ରାଜ୍ୟ ସରକାରଙ୍କ ରେଶମ ଶିଳ୍ପ ବିଭାଗ ପକ୍ଷରୁ ଏନେଇ ଚାଷୀଙ୍କୁ ଦିଆଯାଇଥିଲା ପ୍ରୋତ୍ସାହନ। ବର୍ତ୍ତମାନ ଟସର ଚାଷୀଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରି ସହାୟତାର ହାତ ବଢାଇଛନ୍ତି ଅବସରପ୍ରାପ୍ତ ବିଭାଗୀୟ କର୍ମଚାରୀ। ଜିଲ୍ଲାରେ ଟସର ଚାଷ ପାଇଁ ଅନୁକୂଳ ପରିବେଶ ଯୋଗୁଁ ୨୦୧୬-୧୭ ଆର୍ଥିକ ବର୍ଷରେ ଆରମ୍ଭ ହେଇଥିଲା ଏହି ଚାଷ। ଜିଲ୍ଲାର ଗୁମ୍ମା ବ୍ଲକର ଝାମି ,ଜୀବା, ପରିଡ଼ା, କୁଜାସିଂ, କାଶୀନଗର ବ୍ଲକର ଅଲଡା, ସୀତାପୁର, ସିଆଳି , ଗୋରିବନ୍ଧା, ହାଡୁଭାଙ୍ଗି, ଖାଆଡା ଆଦି ଅଞ୍ଚଳରେ ୨୦୦୦ରୁ ଊ୦୦୦ ଏକର ପଦର ଜମିରେ ଲାଗିଛି ଏହି ଅସନ ଅର୍ଜୁନ ଗଛ। ଚାରି ବର୍ଷ ଗଛର ରକ୍ଷଣାବେକ୍ଷଣ କରିବା ପରେ ଟସର ଚାଷ ଉପଯୋଗୀ ହୋଇଥାଏ ଏହି ଗଛ। ଯେଉଁଥିରେ ଟସର ଅଣ୍ଡାକୁ ଆଣି ଏକ ଥାଳି ବା ଟ୍ରେ ରେ କଅଁଳ ପତ୍ର ସହ ରଖାଯାଏ, ଯାହା ଦୁଇ ତିନିଦିନ ମଧ୍ୟରେ ଅଣ୍ଡାରୁ ଛୁଆ ବାହାରି ପତ୍ର ଖାଇବାରେ ଲାଗିଥାଏ। ଏହି ସବୁ ଛୁଆକୁ ଗଛସବୁରେ ଛାଡିଦିଆଯାଏ। ପ୍ରାୟ ଦୁଇ ମାସ ମଧ୍ୟରେ ଏହି ପୋକ ଗଛରେ କୋଷା ବାନ୍ଧିଥାଏ। କୋଷା ବାନ୍ଧିବା ୧୦ ଦିନ ମଧ୍ୟରେ ଏହି ପୋକ ପ୍ରଜାପତିରେ ପରିଣତ ହୋଇ ପୁରୁଷ ପ୍ରଜାପତି ସହ ମିଶିବା ପରେ ଅଣ୍ଡା ଦେଇଥାଏ ମାଇ ପ୍ରଜାପତି। ଏଭଳି ସମସ୍ତ ଗଛରେ ପ୍ରଜନନ ଚକ୍ର ତିଆରି ହୁଏ। ଉକ୍ତ କୋଷାରୁ ରେଶମ ସୂତା ଉତ୍ପାଦନ ହୋଇଥାଏ ବୋଲି କହିଛନ୍ତି ଚାଷୀ ସୁଜାତା ଶବର ଓ ଖାରୁଗା ଶବର। ବର୍ଷରେ ତିନୋଟି ପର୍ଯ୍ୟାୟରେ ଟସର ସଂଗ୍ରହ ହୋଇଥାଏ। ଗୋଟିଏ ହେକ୍ଟର ଜମିରେ ବର୍ଷକରେ ୬୦ ରୁ ୭୦ ହଜାରରୁ ଉଜାର ଟଙ୍କା ରୋଜଗାର କରିଥାନ୍ତି ଚାଷୀ। ଟସର ଉତ୍ପାଦନ ଏକ ଲାଭକାରୀ ଚାଷ ହୋଇଥିବାରୁ ଜିଲ୍ଲାରେ ୮୦୦ ହଜାର ହେକ୍ଟରରୁ ଉହକ୍ ପଦର ଜମିରେ ଏହି ଚାଷ ହୋଇଛି। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ଚାଷୀଙ୍କୁ ବିଭାଗ ପକ୍ଷରୁ ସାହାଯ୍ୟ ସହଯୋଗ କରାଯାଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଚାଷୀଙ୍କୁ କୌଣସି ପରାମର୍ଶ ଦିଆ ଗଲା ନାହିଁ। ଫଳରେ ଏହି ଚାଷର ଭବିଷ୍ୟତ ନେଇ ନିରାଶ ହୋଇଗଲେ ଚାଷୀ। ଏହା ଦେଖି ଜିଲ୍ଲାର ବିଭିନ୍ନ ସ୍ଥାନର୍ ଚାଷୀଙ୍କୁ ନେଇ ଏକ ଟ୍ରଷ୍ଟ ଗଠନ କରି ସହଯୋଗର ହାତ ବଢାଇଲେ ଅବସର ନେଇ ଆସିଥିବା ରେଶମ ପ୍ରକଳ୍ପ କର୍ମଚାରୀ ପ୍ରଦୀପ କୁମାର କର। ଟସର ଚାଷୀଙ୍କୁ ସହଯୋଗ ନିମନ୍ତେ ସରକାରଙ୍କ ସ୍ୱତନ୍ତ୍ର ରେଶମ ଶିଳ୍ପ ବିଭାଗ ରହିଛି ସେଥିପାଇଁ ସ୍ୱତନ୍ତ୍ର ଅନୁଦାନ ମଧ୍ୟ ରହିଛି, ଆଗ୍ରହୀ ଚାଷୀଙ୍କୁ ବିଭାଗ ପକ୍ଷରୁ ସାହାଯ୍ୟ ସହଯୋଗ କରାଯିବ ବୋଲି କହିଛନ୍ତି ଗଜପତି ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ। ଟସର ଓ ମାଳବାରି ଚାଷକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରଷ୍ଟ ଗଠନ କରି ଆଗକୁ ବଢିଛନ୍ତି ଚାଷୀ। ଅସନ ଅର୍ଜୁନ ଗଛର ରକ୍ଷଣାବେକ୍ଷଣ ସହ ଉତ୍ପାଦିତ ଟସରରୁ ରେଶମ ସୂତା ଉତ୍ପାଦନ ଓ ବ୍ୟବସାୟ ଏହି ଟ୍ରଷ୍ଟ ମାଧ୍ୟମରେ କରିବାକୁ ଲକ୍ଷ୍ୟ ରଖିଛନ୍ତି ଚାଷୀ, ତେବେ ବିଭାଗ ପକ୍ଷରୁ ଏହି ଚାଷୀଙ୍କୁ ସହଯୋଗ କରିବା ଆବଶ୍ୟକ ରହିଛି।

## ଅର୍ପଣ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ଜଗନ୍ନାଥପ୍ରସାଦ,୧୩।୧(ସମିସ):** ଶନିବାର ଜଗନ୍ନାଥପ୍ରସାଦରେ ଅନୁଷ୍ଠିତ ଅର୍ପଣ ରଥ ପରିକ୍ରମା ସମୟରେ ଆଧ୍ୟାତ୍ମିକ ପରିବେଶ ଦେଖିବାକୁ ମିଳିଥିଲା କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିକାରୀ ବସନ୍ତ କୁମାର



ସାହୁ, ଗ୍ରାମ୍ୟରୋଜଗାର ସେବକ ବସନ୍ତ କୁମାର ଦାସ, ବ୍ଲକ ସଂଯୋଜିକା ସୀତା ବରାଳ, ୧୩ଟି କେନ୍ଦ୍ରର ଅଙ୍ଗନବାଡି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ସିଆରପି, ଏମବିକେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ।

## ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା

**ଆସିକା, ୧୩।୧(ସମିସ):** ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ବାଲିଶିରା ଗ୍ରାମ ପଞ୍ଚାୟତରେ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ହୁଳହୁଳି ସହ ଘଣ୍ଟ ମୃଦଙ୍ଗର ଶବ୍ଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଛି।



ସ୍ଥାନୀୟ ସରପଞ୍ଚ ଦଇତାରି ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ରଥ ପରିକ୍ରମା ବେଳେ ଗଞ୍ଜାମ ଜୋନ ବିଜେଡି ଯୁବ ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡ଼ା, ବିଜେଡି କୋଡ଼ିନେଟର ସୂର୍ଯ୍ୟକାନ୍ତ ପରିଡ଼ା, ବ୍ଲକ ସଭାପତି ରାଜେଶ ପଟ୍ଟନାୟକ, ସମିତି ସଭ୍ୟ ବିଷ୍ଣୁ ପ୍ରିୟା ବେହେରା ଯୋଗଦେଇ ଜୟ ଜଗନ୍ନାଥ ଅର୍ପଣ ରଥକୁ ସ୍ୱାଗତ କରିବା ସହ ଚାଉଳ ଓ ଗୁଆ ସଂଗ୍ରହଣରେ ନିଜକୁ ସାମିଲ କରିଥିଲେ।

## ଜିଲ୍ଲାସ୍ତରୀୟ ରେଡ୍‌କ୍ରସ ଶିବିର ପ୍ରସ୍ତୁତି

**ଧରାକୋଟ, ୧୩।୧(ସମିସ):** ଧରାକୋଟ ସ୍ଥିତ ଶ୍ରୀ ରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ମାସ ୧୬, ୧୭ ଓ ୧୮ରେ ଜୁନିଅର ରେଡକ୍ରସ ତରଫରୁ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି



ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଏବିଇଓ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ, ସମସ୍ତ ସିଆରସିସି, ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟ ମାନେ ଯୋଗଦେଇଥିଲେ। ଶିବିରକୁ ଶୃଙ୍ଖଳିତ ଭାବେ ଆୟୋଜିତ କରିବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା।

## ଜରଡ଼ାରେ କିଶୋରୀ ମେଳା

**ପାତ୍ରପୁର,୧୩।୧(ସମିସ):** ପାତ୍ରପୁର ବ୍ଲକ ଜରଡ଼ା ସେକ୍ଟରରେ କିଶୋରୀ ମେଳା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ତିଳ ବେହେରା, ନାଏବ ସରପଞ୍ଚ ମାଧବ ବାଡତ୍ୟା, ଅଞ୍ଚଳ ପରିଦର୍ଶିକା ସୁଭାଷିନୀ ସେଠୀ, ମହିଳା



ସ୍ୱାସ୍ଥ୍ୟକର୍ମୀ ସସ୍ମିତା ସ୍ୱାଇଁ ପ୍ରମୁଖ ମଞ୍ଚାସିନ ରହି କିଶୋରୀମାନଙ୍କ ପୁଷ୍ଟି ସାଧନ ସମ୍ପର୍କିତ ଅଭିଭାଷଣ ପ୍ରଦାନ କରିଥିଲେ। କିଶୋରୀ କିଶୋରମାନଙ୍କୁ ନେଇ ଭାଷଣ, ଝୋଟି, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଭୟପୁର ବାଳିକାମାନେ ବାଲ୍ୟ ବିବାହ ନିଷେଧ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ ଲିମି ଦେବୀ, ସ୍ୱପ୍ନା ମୁଖୀ, ଅଞ୍ଜଳୀ ପାଠି ଶର୍ମା, ଦୀପ୍ତି ରାଣୀ ନାୟକ, ସଞ୍ଜୁ କୁମାରୀ ବେହେରା, ଭବାନୀ ଦେବୀ, ପ୍ରତିଭା ପାତ୍ର, ରିନା ପ୍ରଧାନ, ପାର୍ବତୀ ଗୌଡଙ୍କ ସମେତ ସହାୟିକାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସମୃଦ୍ଧ ମାଟିର ସୁସ୍ଥ ପରମ୍ପରା 'ପାଣ୍ଡୁଗୁ'

**ବ୍ରହ୍ମପୁର, ୧୩।୧ (କ୍ଷୀରସିନ୍ଧୁ ମହାନ୍ତି):**





ସମୃଦ୍ଧ ପରମ୍ପରାର ମାଟି ଓଡ଼ିଶା। ଏଠାରେ ଅନେକ ପୂଜାପର୍ବଣ, ଜାନି ଯାତ ଓ ସଂସ୍କୃତି ଦୃଶ୍ୟମାନ ହୁଏ। ଏଠାକାର କୋଣ ଅନୁକୋଣରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ବସବାସ କରନ୍ତି। ସମସ୍ତଙ୍କ ପରମ୍ପରା ମଧ୍ୟ ଅନନ୍ୟ। ତନ୍ମଧ୍ୟରୁ ଗଞ୍ଜାମ ଜିଲ୍ଲା ଅନ୍ୟତମ। ସାହିତ୍ୟ, ସଂସ୍କୃତି, ପରମ୍ପରା, ସଭ୍ୟତା ସବୁକୁ ଜାବୁଡ଼ି ମାଟି ଗଞ୍ଜାମ। ଏହି ମାଟିର ଲୋକକଳା ଓ ଲୋକନୃତ୍ୟ ଯେତିକି ସମୃଦ୍ଧି ଏଠାକାର ପରମ୍ପରା ମଧ୍ୟ ବିଶ୍ୱବିଦିତ। ଏଠାରେ ବିଭିନ୍ନ ଭାଷାଭାଷୀ ଲୋକେ ବସବାସ କରନ୍ତି। ସମୟକ୍ରମେ ସମସ୍ତଙ୍କ ପୂଜାପଦ୍ଧତି ଦେଖାଯାଏ। ଗଞ୍ଜାମ ଜିଲ୍ଲା ଓ ବ୍ରହ୍ମପୁର ସହରରେ ଉଭୟ ଓଡ଼ିଆ ଓ ତେଲୁଗୁଙ୍କ ମିଶ୍ରିତ ପରମ୍ପରା ଦେଖିବାକୁ ମିଳେ। ତନ୍ମଧ୍ୟରୁ ମକର ସଂକ୍ରାନ୍ତି ମଧ୍ୟ ଅନ୍ୟତମ। ଏହାକୁ ତେଲୁଗୁ ପରିବାରରେ ପାଣ୍ଡୁଗୁ ଭାବେ ପାଳନ କରିଥାନ୍ତି। ଏହାର ଅନେକ ବିଶେଷତ୍ୱ ରହିଛି। କେଉଁ ଅବାହମାନ କାଳରୁ ପାଳିତ ହେଉଥିବା ଏହି ପରମ୍ପରା ଏବେ ମଧ୍ୟ ଚୀରଜୀବିତ। ତେଲୁଗୁ ପରିବାର ମାନଙ୍କରେ ପାଳିତ ହେଉଥିବା ବିଭିନ୍ନ ସଂସ୍କୃତି ଓ ପରମ୍ପରା ମଧ୍ୟରେ ଏହା ସର୍ବଶ୍ରେଷ୍ଠ ବୋଲି କୁହାଯାଏ। ଓଡ଼ିଆରେ 'ମକର ସଂକ୍ରାନ୍ତି' ଓ ତେଲୁଗୁରେ ପୋଙ୍ଗଲ୍ ବା ପାଣ୍ଡଗୁ ବୋଲି କୁହାଯାଏ। ସାରା ବର୍ଷର କଷ୍ଟକୁ ଦୂର କରିବା ପାଇଁ ମକର ସଂକ୍ରାନ୍ତି ଦିନଟିକୁ ବେଶ ଉତ୍ସାହର ସହ ପାଳନ କରିଥାନ୍ତି ତେଲୁଗୁ ସମ୍ପ୍ରଦାୟର ଜନସାଧରଣ। ଏହି ପର୍ବ କେଉଁଠି ତିନିଦିନ ତ କେଉଁଠି ଚାରିଦିନ ପାଳନ କରାଯାଏ। ଏହି ଦିନରେ ପୁରୁଣା ବର୍ଷକୁ ଭୂଲିଯିବା। ନୂଆ ଆଶା, ନୂଆ ଭରସା, ନୂତନ ଉଦ୍ଦୀପନା ନେଇ ଆଗକୁ ଯିବା ବୋଲି ସମସ୍ତେ ଭାବିଥାନ୍ତି। ପାଣ୍ଡୁଗୁ ପାଳନର ଏହାର ପ୍ରଥମ ଦିନ ହେଉଛି 'ଭୋଗି'। ଗୋଟିଏ ଯାଗାରେ ତେଲୁଗୁ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ଏକାଠି ହୋଇ ଏହାକୁ ପାଳନ କରିଥାନ୍ତି। ଏହାର ବିଶେଷତ୍ୱ ହେଉଛି ଭେଗି ଶବ୍ଦଟି ସଂସ୍କୃତ ଭାଷାରୁ ଆସିଛି। ଯାହାର ଅର୍ଥ ହେଉଛି ସୁଖ। ପ୍ରବଳ ଥଣ୍ଡାରୁ ମୁକ୍ତି ପାଇଁ ସର୍ବସାଧାରଣସ୍ଥଳରେ ନିଆଁ ଲଗାଯାଇ ଏହାକୁ ଘେରି ସମସ୍ତେ ଉପଭୋଗ କରିଥାନ୍ତି। ମହିଳାମାନେ ମାସ ସାରା ଗାଇ ଗୋବରରେ ପେଡ଼ାକ୍କା ବା ଘସି କରିଥାନ୍ତି। ଏହି ଘସିକୁ ଭୋଗୀ ଦିନ ରଙ୍ଗନାଥ ସ୍ୱାମୀ ଓ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରି ନିଆଁରେ ପକାଯାଇଥାଏ। ଏହାଦ୍ୱାରା ଲୋକେ ଉଷ୍ମମ ଅନୁଭବ କରିବା ସହ ସ୍ୱାସ୍ଥ୍ୟ ପାଇଁ ଏହା ଭଲ ବୋଲି କୁହାଯାଇଛି। କେତେକ ସ୍ଥାନରେ କାଠ ସାମଗ୍ରୀ ଓ ଗଣ୍ଡି ପକାଯାଇ ମଧ୍ୟ ଧୂନି କରାଯାଇଥାଏ। ପାଣ୍ଡୁଗୁର ଦ୍ୱିତୀୟ ଦିନ ହେଉଛି ମକର ସକ୍ରାନ୍ତ

- ତେଲୁଗୁ ପରିବାରର ସର୍ବଶ୍ରେଷ୍ଠ ପର୍ବ
- ଆଜି ଭୋଗି, କାଲି ପୋଙ୍ଗଲ୍
- ସମବେତ ହେବେ ବନ୍ଧୁ ମଇତ୍ର

ବା ପୋଙ୍ଗଲ। ଏହି ପର୍ବ ପିତୃପୁରୁଷଙ୍କ ଲାଗି ଉର୍ତ୍ସଗୀକୃତ ହୋଇଥାଏ। ଏହି ଦିନର ପ୍ରତ୍ୟେକ ତେଲୁଗୁ ପରିବାରରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦିଆଯାଇଥାଏ। ନୂଆବସ୍ତ୍ର ପରିଧାନ କରିବା ସହ ଝିଅ ଜ୍ୱାଇଁ ଘରକୁ ଆସିଥାନ୍ତି। ଘରେ ଘରେ ଖୁସିର ମାହୋଲ ସୃଷ୍ଟି ହୋଇଥାଏ। ପିତୃପୁରୁଷଙ୍କୁ ପିଣ୍ଡଦାନ ସହିତ ନୂଆବସ୍ତ୍ର ମଧ୍ୟ ସମର୍ପଣ କରି ପୂଜା କରାଯାଇଥାଏ। ପରବର୍ତ୍ତୀ ସମୟରେ ଏହି ନୂତନ ବସ୍ତ୍ରକୁ ପରିବାର ଲୋକେ ବ୍ୟବହାର କରିଥାନ୍ତି। ନୂଆ ଚାଉଳରେ ଭୋଗ ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି। ତାର ପରଦିନକୁ 'କାନୁମା' ଭାବରେ ପାଳନ କରାଯାଇଥାଏ। ଏହି ଦିନରେ ଅମଳ ହୋଇଥିବା ଧାନ ସହ ଗୃହପାଳିତ ପଶୁଙ୍କୁ ପୂଜା କରାଯାଇଥାଏ। କୃଷକମାନେ ବର୍ଷକର କ୍ଲାନ୍ତି ଦୂର କରିବା ପାଇଁ ଏହି ଦିନକୁ ବେଶ ମଜା ମସ୍ତିର ସହ ପାଳନ କରିଥାନ୍ତି। କେହି କେହି ପରିବାର ଓ ସାଙ୍ଗସାଥିଙ୍କ ମେଳରେ ନିରାମିଷ ଓ ଆମିଷ ଭୋଜି କରିଥାନ୍ତି। ଶେଷ ଦିନ ହେଉଛି 'ମୁକ୍କାନମ୍' ଏହି ଦିନରେ ନୂଆ ଅମଳ ହୋଇଥିବା ଧାନ ଓ ପରିବାକୁ ରୋଷେଇ କରି ବନ୍ଧୁ ସହୋଦରଙ୍କ ସାଙ୍ଗରେ ମିଶି ଖାଇଥାନ୍ତି। ଓଡ଼ିଶା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଇଲାକା କୁହାଯାଉଥିବା ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସମେତ ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି, ପାତ୍ରପୁର ବ୍ଲକ ଓ ଅନ୍ୟାନ୍ୟ ଅଞ୍ଚଳ ମାନଙ୍କରେ ଅଧିକାଂଶ ତେଲୁଗୁ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି। ଏହି ଅଂଚଳରେ ପୋଙ୍ଗଲ୍ ପର୍ବକୁ ଧୁମଧାମରେ ପାଳନ କରାଯାଉଛି। ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ମିଳିତ ଭାବେ ଭୋଗୀ ପାଳନ ହେଉଅଛି। ଘରେ ଘରେ ମକର ସଂକ୍ରାନ୍ତି ପାଳନ କରାଯିବ ବୋଲି ଜଣାଯାଉଛି। ସେହିଭଳି ଗ୍ରାମାଞ୍ଚଳ ମାନଙ୍କରେ ଏହାକୁ ଏକ ବିରାଟ ପର୍ବ ଭାବେ ପାଳନ କରାଯାଇଥାଏ। ସଙ୍ଗାତ ମଇତ୍ରଙ୍କୁ ମୁଆଁ ଓ ମକର ଚାଉଳ ଦିଆଯାଇଥାଏ। ଏହି ପରମ୍ପରା ଆଜି ବି ବଞ୍ଚି ରହିଥିବା ସହ ତେଲୁଗୁ ଭାଷାଭାଷୀ ଲୋକମାନଙ୍କ ମନରେ ଏହି ପର୍ବର ଆଗମନକୁ ନେଇ ନୂଆ ଉତ୍ସାହ ଦେଖିବାକୁ ମିଳିଥାଏ। ଏହା ଏକ ଗଣପର୍ବ ଭାବେ ପରିଚିତ ହୋଇଥିବା ବେଳେ ଅଧ୍ୟାତ୍ମିକ ସହିତ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସର୍ମପିତ ପରମ୍ପରା ବୋଲି କୁହାଯାଏ।

## ସିପିଆଇର ଶାଖା ସମ୍ମିଳନୀ, ବେଲଘାଇ ସେଚ ପ୍ରକଳ୍ପ ପୁନରୁଦ୍ଧାର ଦାବି



**ଦିଗପହଣ୍ଡି, ୧୩।୧(ସମିସ):** ଦିଗପହଣ୍ଡି ବ୍ଲକ ସିଦ୍ଧେଶ୍ୱର ଗ୍ରାମ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ସିପିଆଇର ସିଦ୍ଧେଶ୍ୱର ଶାଖା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ବଡଖେମୁଣ୍ଡି ଆଞ୍ଚଳିକ କମିଟି ସମ୍ପାଦକ କିଶୋର କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ମିଳନୀରେ ସତ୍ୟ ସ୍ୱାଇଁ ପାର୍ଟିର ଲାଲ ପତାକା ଉତ୍ତୋଳନ କରିଥିବା ବେଳେ ଏଲ୍.ରାଘବ ରେଡ୍ଡୀ ସଭାପତିତ୍ୱ କରିଥିଲେ। ଶାଖା ସମ୍ପାଦକ ମୂଷା ବେହେରାଙ୍କ ସଂଯୋଜନାରେ ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସାଧାରଣ ସମ୍ପାଦକ ଅଳକ ନାଥ ମିଶ୍ର, ବୃନ୍ଦାବନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀ ରେ ଅତିଥି ବୃନ୍ଦ କେନ୍ଦ୍ର ଓ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବେଲଘାଇ ଜଳସେଚନ ପ୍ରକଳ୍ପ ର ପୁନଃରୁଦ୍ଧାର କରାଯିବା ସହ ପ୍ରସ୍ତାବିତ ଛେଳିଗଡ଼ ପ୍ରକଳ୍ପର ପାଣିକୁ ବେଲଘାଇ ପ୍ରକଳ୍ପରେ ପକାଯାଇ କେନାଲ ଜରିଆରେ ସମସ୍ତ ଚାଷଜମିକୁ ଜଳସେଚିତ କରାଯିବା ସହ ଚାଷୀ ଙ୍କ ବିବିଧ ସମସ୍ୟା ଏବଂ ଗ୍ରାମାଞ୍ଚଳ ମାନଙ୍କରେ ଲାଗିରହିଥିବା ମୌଳିକ ସମସ୍ୟା ଗୁଡ଼ିକର ସ୍ଥାୟୀ ସମାଧାନ ନିମନ୍ତେ ଆଗାମୀ ଦିନରେ ପାର୍ଟି ପକ୍ଷରୁ ଜନ ଆନ୍ଦୋଳନ ଗଢ଼ି ତୋଳିବାକୁ ସମ୍ମିଳନୀରେ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସିଦ୍ଧେଶ୍ୱର ଗ୍ରାମ ଶାଖା ସମ୍ପାଦକ ମୂଷା ବେହେରା, ଦୀନବନ୍ଧୁ ଦୈତାରି ରେଡ୍ଡୀ ଏବଂ ସହ ସମ୍ପାଦକ ବଂଶୀଧର ସାହୁ, ଦଣ୍ଡପାଣି ସାହୁ, ଉଷା ବେହେରା, ଶ୍ରୀକାନ୍ତ ଲେଙ୍କା, ଜିତୁ ବେହେରା, ଚନ୍ଦନ ଡାକୁଆ, ବଂଶୀଧର ସାହୁ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଙ୍କୁଶପୁର କିଶୋର ମେଳା

**କୁକୁଡାଖଣ୍ଡି, ୧୩।୧(ସମିସ):** ଅଙ୍କୁଶପୁର ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଥିଲା। କିଶୋରୀ ମାନଙ୍କ ସମ୍ପୂର୍ଣ୍ଣ ବୃଦ୍ଧି ଓ ବିକାଶ ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ସିଡିପିଓ କୁସୁମ କୁମାରୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମେଳା ରେ ଉପସ୍ଥିତ ଥିବା ଭାବେ ଯୋଗଦେଇ କାର୍ଯ୍ୟ ପରିଚାଳନା ଦାୟିତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୁରଲୀ ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଦିପ୍ତ କୁମାର ତାହଲ, ଏଏନଏମ ମୌସୁମୀ ପ୍ରଧାନ, ୱାର୍ଡ ମେମ୍ବର ବୁଲୁ ଦାସ, କୁଳାନେତା ବାଉରୀ ବନ୍ଧୁ ସେଠୀ, ସୁପର୍ଭାଇଜର ମମତା ପଣ୍ଡା, ପ୍ରତିଭା ମହାନ୍ତି, ସ୍ମିତମୟୀ



ସମସ୍ତ କିଶୋରୀ ମାନଙ୍କ ଉଚ୍ଚତା ଓ ଓଜନ ମାପ କରି ବି ଏମ୍ ଆଇ ବାହାର କରାଗଲା। ଏବଂ ହିମୋଗ୍ଲୋବିନ୍ ଟେଷ୍ଟ କରାଗଲା। କିଶୋରୀ ମାନଙ୍କ ଦ୍ୱାରା ଗୀତ ନାଚ ଓ ଭାଷଣ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଗଲା। ଏହା ସହ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯକ୍ରମ କରାଗଲା। ସୁପରାଭାଇଯାର ଲିଜା ସେଠୀ ମୁଖ୍ୟ ବକ୍ତା ପ୍ରଧାନ, ସମନ୍ୱିତ ଶିଶୁ ବିକାଶ ସେବା ପ୍ରକଳ୍ପ ଷ୍ଟାଫ ବାପିନା ବିଷୋୟୀ, ସନ୍ତୋଷ ଆଚାର୍ଯ୍ୟ, ସସ୍ମିତା ମିଶ୍ର, ଅଙ୍ଗନବାଡି କର୍ମୀ ଗୀତାଞ୍ଜଳି ମହାରଣା, ପି. ଶିବାନୀ, ଜି. କମଳା, ସୁମତି ବିଷୋୟୀ, ଇ. ବୁଲିଆମା, ସୁନୀତା ଦାସ, ରତ୍ନମାଳା ସାହୁ, ରଶ୍ମିତା ନାୟକ, ଦୀପ୍ତିମୟୀ ଚୌଧୁରୀ, ଇ.ଗଙ୍ଗମା, ଏମ ପୁଷ୍ପା, ଇତ୍ୟାଦି ଯୋଗ ଦେଇଥିଲେ।

## ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଯୁବ ଦିବସ

**ଆସିକା, ୧୩।୧(ସମିସ):** ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସକୁ ରାଷ୍ଟ୍ରୀୟ ଯୁବ ଦିବସ ରୂପେ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏବଂ ଯୁବ ରେଡକ୍ରସ ଏବଂ ରେଡରିବନ୍ ଶାଖାର ଉପଦେଷ୍ଟା ଦ୍ୱୟ ଅଧ୍ୟାପକ ରାଜେଶ କୁମାର ସାହୁ ଏବଂ ଡ. ଅଜିତ୍ କୁମାର ମୁନୀଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ମେଜର ଡ. ଶଙ୍କର ପ୍ରସାଦ ଅଧିକାରୀ ମଞ୍ଚାସୀନ ଥିଲେ। ମଞ୍ଚାସୀନ ଅତିଥିଙ୍କ କରକମଳରେ ଦେବବିଗ୍ରହ ତଥା ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମାରେ ଆଧ୍ୟାତ୍ମିକବାଦି ଶିକ୍ଷକ ତଥା ବେଦ ଗବେଷୀ





ଧନଞ୍ଜୟ ମହାପାତ୍ରଙ୍କ ବେଦ ମନ୍ତ୍ର ଧ୍ୱନିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଆମେରିକା ଚିକାଗୋ ସହରରେ ସ୍ୱାମୀଜୀଙ୍କ ଆଧ୍ୟାତ୍ମିକ ପ୍ରଗଳ୍ଭ ବ୍ୟକ୍ତବ୍ୟକୁ ମୁଖ୍ୟବକ୍ତା ଅଭିବ୍ୟଞ୍ଜନା କରିଥିଲେ। ବିଶ୍ୱ ଦରବାରରେ ଭାରତକୁ ଆଧ୍ୟାତ୍ମିକ ଉତ୍କର୍ଷତାର କେନ୍ଦ୍ର ବୋଲି ବିଶିଷ୍ଟ ପରିଚୟ ସୃଷ୍ଟି କରିଥିଲେ। ଯୁବପିଢିଙ୍କ ଅନ୍ତଃର୍ନିହିତ ଶକ୍ତିକୁ ସ୍ୱାମୀଜୀଙ୍କ ଭାଷାରେ ଛାତ୍ରଛାତ୍ରୀଙ୍କୁ ଅଭିମନ୍ତ୍ରିତ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପକ ପବିତ୍ର ଧଙ୍ଗଡମାଝୀ ଏବଂ ଚନ୍ଦନ ମାରାଣ୍ଡିଙ୍କ ସହଯୋଗ କରିଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଆଜିଠୁ ଛତ୍ରପୁର ମହୋତ୍ସବ

**ଛତ୍ରପୁର, ୧୩।୧(ସମିସ):** ଛତ୍ରପୁର ଷ୍ଟାଡିୟମରେ ଜାନୁଆରୀ ୧୪ରୁ ୧୬ ତାରିଖ ୩ଦିନ ଧରି ଛତ୍ରପୁର ମହୋତ୍ସବ ଅନୁଷ୍ଠିତ ହେବ। କ୍ରୀଡା, ସଂସ୍କୃତି ଓ ମନୋରଞ୍ଜନ ଉପଭୋଗ କରିବା ସହ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡ଼ିକର ଆସର ଜମିବ। ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମହୋତ୍ସବ ଏବଂ ସ୍ୱୟଂ ସହାୟିକାଙ୍କ ଦ୍ୱାରା ପ୍ରସ୍ତୁତି ସମସ୍ତ ସାମଗ୍ରୀ ସବୁକୁ ପରିଦର୍ଶନ କରି ଉତ୍ସାହିତ କରାଯିବାକୁ କୁହାଯାଇଛି।

## ମା ଖମ୍ବେଶ୍ୱରୀଙ୍କ ପୀଠରେ ପୋହିଲି ଭୋଗର ଆସର

**ଆସିକା, ୧୩।୧(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଆସିକାର ମା'ଖମ୍ବେଶ୍ୱରୀଙ୍କ ପୀଠରେ ପୋହିଲି ଭୋଗର ଆସର। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟ ନାରାୟଣ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ପୋହିଲି ଭୋଗ କାର୍ଯ୍ୟକ୍ରମରେ ବହୁ ନିର୍ବାଚିତ ପତିନିଧିଙ୍କ ସମେତ ଆସିକା ବ୍ଲକ ଓ କବିସୂର୍ଯ୍ୟନଗର ବ୍ଲକର ବହୁ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ମା'ଙ୍କ କୃପା ଲାଭ ସହ ଆଶିଷ ଭିକ୍ଷା କରିଥିଲେ।

**ପାଣିକୁ ନେଇ ଭାବରଡାରେ ରାସ୍ତା ଜାମ୍**

## ଗରାହାଣ୍ଡି ଧରି ମହିଳାଙ୍କ ପ୍ରତିବାଦ

**ପୋଲସରା, ୧୩।୧(ସମିସ):** ପୋଲସରା ବ୍ଲକ ଭାବରଡା ପଞ୍ଚାୟତରେ ପିଇବା ପାଣିର ଘୋର ସମସ୍ୟା ଦେଖାଦେଇଛି। ଏହାର ପ୍ରତିବାଦରେ ମହିଳାମାନେ ଗରାହାଣ୍ଡି ରାସ୍ତାରେ ଥୋଇ ବିକ୍ଷୋଭ କରିଛନ୍ତି। ଏଠାରେ ଦୀର୍ଘ ଦିନ ଧରି ପାଣି ସମସ୍ୟା ଲାଗି ରହିଥିଲେ ହେଁ ସ୍ଥାନୀୟ ସମାଧାନ ହୋଇପାରୁନଥିବା ଅଭିଯୋଗ କରିଛନ୍ତି। ଶନିବାର ଭୋର ସକାଳୁ ଶତାଧିକ ମହିଳା ପୁରୁଷ ଗରା, ବାଲଟି, ହାଣ୍ଡି ଧରି ଭାବରଡା ମୁଖ୍ୟ ରାଜରାସ୍ତାକୁ ଅବରୋଧ କରି ପ୍ରତିବାଦ କରିଛନ୍ତି। ଭାବରଡା ଗ୍ରାମର ଜନସାଧାରଣଙ୍କ ପାଇଁ ବିରାଟକାୟ ପାଣି ଟାଙ୍କି କରାଯାଇ ପ୍ରତ୍ୟେକ ଘରକୁ ଘର ପିଇବା ପାଣି ନିମନ୍ତେ ପାଇପ ସଂଯୋଗ କରାଯାଇଛି। ହେଲେ ପାଇପ୍ ଲାଇନରେ ପିଇବା ପାଣି ଆସିବା ତ ଦୂରର କଥା ପାଣିର ଗନ୍ଧବାସ୍ନାର ସଂଙ୍କେତବି ଆସୁନାହିଁ। ଏନେଇ ବିଗତ ଦିନରେ ଭାବରଡା ପଞ୍ଚାୟତଠାରୁ ଆରମ୍ଭ କରି ସ୍ଥାନୀୟ ବ୍ଲକ



ପ୍ରଶାସନ ସହିତ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥି ଅଭିଯୋଗ କରିଛନ୍ତି ଶତାଧିକ ଗ୍ରାମବାସୀ। ସମସ୍ତ ଗ୍ରାମବାସୀ ପାନୀୟ ଜଳଯୋଗାଣକୁ ନେଇ ସିଂହାସନି ଓ ପୋଲସରା ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପଟେ ଯାତ୍ରୀବାହି ବସ୍ ସମେତ ଛୋଟ ବଡ଼ ଗାଡ଼ି ବାଇକ୍ ଚଳାଚଳ କିଛି ଘଣ୍ଟା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା। ଫଳରେ ଉଭୟ ରାସ୍ତା ଦେଇ ଯାଉଥିବା ସମସ୍ତ ଗାଡ଼ି ଗୁଡ଼ିକ ଅଟକି ରହି ଥିବାରୁ ସ୍କୁଲ କଲେଜ ଯାଉଥିବା ଛାତ୍ରଛାତ୍ରୀ ଓ ବସରେ ଯିବାଆସିବା କରୁଥିବା ଯାତ୍ରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଇଥିଲେ। ଖବର ପାଇ ପୋଲସରା ଥାନାଧିକାରୀ କୌଶିକ ମାଝୀ କିଛି ପୁଲସ କର୍ମଚାରୀଙ୍କୁ ନେଇ ଘଟଣା ସ୍ଥଳରେ ପହଞ୍ଚି ସମସ୍ୟା ସମାଧାନ କରିବା ପାଇଁ ଗ୍ରାମର ଲୋକଙ୍କ ସହିତ ଆଲୋଚନା କରିଥିଲେ। ଦିର୍ଘ ୫ ଘଣ୍ଟା ପରେ ସ୍ଥାନୀୟ ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ବିଷୋୟୀ, ଜଳ ଯୋଗାଣ ବିଭାଗ ଯନ୍ତ୍ରୀ ସ୍ୱରୂପ ତ୍ରିପାଠୀ ଓ ଥାନାଧିକାରୀ ଶ୍ରୀ ମାଝୀ ଲୋକଙ୍କୁ ବୁଝାସୁଝା କରିବା ପରେ ପ୍ରତିଶ୍ରୁତି ପାଇ ରାସ୍ତା ଅବରୋଧ ହଟିଥିଲା।

## ବିବେକାନନ୍ଦ ଜୟନ୍ତୀ ପାଳିତ

**ରମ୍ଭା, ୧୩।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ରାମଗଡ଼ ପଞ୍ଚାୟତର ପାଲୁର ଗଡ଼ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ଓ ବିବେକାନନ୍ଦ ଜୟନ୍ତୀ ପାଲୁର ମହାରାଜା ରଜତ ଚନ୍ଦ୍ର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ବନିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପଠନ କରିଥିଲେ ସମ୍ପାଦକ ବିଷ୍ଣୁ ଚରଣ ବେହେରା। ମୁଖ୍ୟ ଅତିଥିଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶତ୍ରୁସୋଲ ଅଧ୍ୟକ୍ଷା ମାଧୁରୀ ମହାରଣା, ମୁଖ୍ୟବକ୍ତା ଓଡ଼ିଆ ଅଧ୍ୟାପକ ଏଚ. ଓ ଡ଼ି. କେଶପୁର ସ୍ନାତକ ମହାବିଦ୍ୟାଳୟ ବିଷ୍ଣୁ ପ୍ରସାଦ ଦାସ, ସରପଞ୍ଚ ସନ୍ତୋଷିନୀ ବେହେରା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାରଣା, ପାଲୁର ଗଡ଼ କବି କେଶବ ଯୁବକ ସଂଘ ସଭାପତି କୈଳାଶ ଚନ୍ଦ୍ର ପ୍ରଧାନ, ଉପଦେଷ୍ଟା ଅବସର ପ୍ରାପ୍ତ ଅର୍ଥତତ୍ତ୍ୱ ନିରୀକ୍ଷକ ତଥା ଶିକ୍ଷାବିତ ବିରଞ୍ଚି ନାରାୟଣ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ଥିଲେ। ଗୁରୁମା ସଂଯୁକ୍ତା ଦାସ, ନନ୍ଦିନୀ ବେହେରା, ସୁନିତା ତରେଇ, ମାଉସୀ ସୁକାନ୍ତି ବେହେରା ପୂର୍ବତନ ଛାତ୍ରୀ ଅର୍ଣ୍ଣପୂର୍ଣ୍ଣା ଦାଶ, ପୂଜାରାଣୀ ପଣ୍ଡା ମନମୋହନ ଦାଶ ପ୍ରମୁଖ ସହଯୋଗ କରିଥିଲେ।

# ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ୧୨୪ତମ ଜୟନ୍ତୀ




ହିଞ୍ଜିଳିକାଟୁ,୧୩।୧(ସମିସ): ହିଞ୍ଜିଳିକାଟୁ ବିଜ୍ଞାନ ସ୍ୱୟଂଶାସିତ ମହାବିଦ୍ୟାଳୟ ତରଫରୁ ଖଲ୍ଲିକୋଟର ସ୍ୱର୍ଗତ ରାଜାସାହେବ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୪ତମ ଜୟନ୍ତୀ ମହାବିଦ୍ୟାଳୟର ରାମଚନ୍ଦ୍ର ମର୍ଦ୍ଦରାଜ ଶତବାର୍ଷିକୀ ଭବନରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ କୁମାର ଖାଡ଼ଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ମଦନ ମୋହନ ମହାପାତ୍ର ମୁଖ୍ୟ ଅତିଥି ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପ ସଚିବ ଡ଼. କୁଳମଣି ଓଝା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ରାଜାସାହେବଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ କଲେଜ ଅଧ୍ୟକ୍ଷ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମର୍ଦ୍ଦରାଜ ଜୟନ୍ତୀ ପାଳନ କମିଟିର ଆବାହକ ପ୍ରାଧ୍ୟାପକ ଡ଼. ପ୍ରଦୀପ କୁମାର ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ରାଜାବାହାଦୁର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଅବଦାନ ଅତୁଳନୀୟ ଏବଂ ଶିକ୍ଷା, କୃଷି ଓ ଯୋଗାଯୋଗ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା ବୋଲି ମୁଖ୍ୟଅତିଥି ଶ୍ରୀ ମହାପାତ୍ର କହିଥିଲେ। ଅଧ୍ୟାପକ ପବିତ୍ର କୁମାର ଶବର ମଞ୍ଚ ସଞ୍ଚାଳନ କରିଥିବା ବେଳେ, ଅଧ୍ୟାପକ ଗୋକୁଳାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

### ଅନ୍‌ଲାଇନ୍‌ରେ ପାର୍ଟ ଟାଇମ୍ ଚାକିରି ଲୋଭ

# ଟଙ୍କା ଜମା କରିବା ପିଜି ଡାକ୍ତରଙ୍କୁ ପଡ଼ିଲା ମହଙ୍ଗା

ବ୍ରହ୍ମପୁର,୧୩।୧(ସମିସ):

ସହରର ଜଣେ ପିଜି ଡାକ୍ତର ସାଇବର ଠକଙ୍କ କବଳରେ ପଡ଼ି ୨୩ଲକ୍ଷ ଟଙ୍କା ହରାଇଥିବା ଘଟଣା ଏବେ ସାମ୍ନାକୁ ଆସିଛି। ଏନେଇ ବ୍ରହ୍ମପୁର ଉସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ପିଜି ଡାକ୍ତର ତଥା ଭୁବନେଶ୍ୱର ଘାଟିକିଆ କଳିଙ୍ଗନଗର ଅଞ୍ଚଳର ଯୁବକ ନିଶାନ୍ତ ନାୟକ(୩୨)ଙ୍କ ନିକଟକୁ ଗତ ଡିସେମ୍ବର ୬ ତାରିଖରେ ୱାଟସଆପକୁ ଏକ ମେସେଜ ଆସିଥିଲା। ବିଜିଲା ନାମକ ଜଣେ ମହିଳା ଏହି ମେସେଜ ପଠାଇଥିବା ବେଳେ ଅନଲାଇନରେ ପାର୍ଟ ଟାଇମ ଚାକିରି ପାଇଁ ଅଫର ଦେଇଥିଲେ। ବିଜିଲା ସଂପୃକ୍ତ ପିଜି ଡାକ୍ତରଙ୍କୁ ଦିବ୍ୟାଶ୍ରୀ-୭୦୩୮ ୯୫ ନାମରେ ଥିବା ଏକ ଟେଲିଗ୍ରାମ ଚ୍ୟାନେଲର ଲିଙ୍କ ପଠାଇବା ସହ ସେଥିରେ ନିଜର ସମ୍ପୂର୍ଣ୍ଣ ବାୟୋଡାଟା ଏବଂ ବ୍ୟାଙ୍କ ବିବରଣୀ ଦେବାକୁ କହିଥିଲା। ସେହିକ୍ରମରେ ପିଜି ଡାକ୍ତର ଜଣଙ୍କ ନିଜର ସମ୍ପୂର୍ଣ୍ଣ ବିରଣୀ ଦେଇଥିଲେ। ଅନଲାଇନରେ କିଛି ହୋଟେଲକୁ ରେଟିଂ ଦେଲେ କମିଶନ ମିଳିବ ବୋଲି ସଂପୃକ୍ତ ଚ୍ୟାନେଲର ରିସେପନିଷ୍ଟ ଦିବ୍ୟାଶ୍ରୀ ପିଜି ଡାକ୍ତରଙ୍କୁ କହିଥିଲେ। ହେଲେ

### ଅଦୃଶ୍ୟ ମହିଳାଙ୍କ ଅଫର୍‌ରେ ହରାଇଲେ ୨୩ ଲକ୍ଷ ଟଙ୍କା

କାର୍ଯ୍ୟବସ୍ତ ଯୋଗୁ ପିଜି ଡାକ୍ତର ସେଥିପ୍ରତି ଧ୍ୟାନ ଦେଇନଥିଲେ। ହେଲେ ଏହାର ପାଖାପାଖି ୧ ମାସ ପରେ ରିସେପନିଷ୍ଟ ଦିବ୍ୟାଶ୍ରୀ ପୁଣିଥରେ ପିଜି ଡାକ୍ତରଙ୍କୁ ଟେଲିଗ୍ରାମରେ ଯୋଗାଯୋଗ କରି ୱାର୍କିଙ୍ଗ ଗ୍ରୁପ-୧୫୭ ନାମରେ ଥିବା ଏକ ଗ୍ରୁପରେ ଯୋଗ ଦେବାକୁ କହିଥିଲେ। ଗ୍ରୁପରେ ଯୋଗଦେବା ପରେ ପ୍ରଥମ ଦିନରେ ୧୦୦୦ ବିନିଯୋଗ କଲେ ୧୪୧୦ ଟଙ୍କା ରିଟର୍ନ ଆସିବ ବୋଲି ଦିବ୍ୟାଶ୍ରୀ କହିଥିଲେ। ସେହିକ୍ରମରେ ପିଜି ଡାକ୍ତର ଜଣଙ୍କ ଅର୍ଜୁନ ରାଥେଡ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ଥିବା ୟୁପିଆଇ ଆଇଡିକୁ ୧୦୦୦ ଟଙ୍କା ପଠାଇଥିଲେ। ଏହାପରେ ଧିରଜ ନାମକ ଜଣେ ଇନଷ୍ଟ୍ରକ୍ଟରଙ୍କୁ ଯୋଗାଯୋଗ କରି ତାଙ୍କୁ ଉଠାଣ କୋଡ ଦେଇ ନିଜ ମୂଳ ଟଙ୍କା ଓ କମିଶନ ହାସଲ କରିବାକୁ ପିଜି ଡାକ୍ତରଙ୍କୁ କୁହାଯାଇଥିଲା। ଏହାପରେ ସଂପୃକ୍ତ ଟେଲିଗ୍ରାମ ଚ୍ୟାନେଲ ପକ୍ଷରୁ ଅନଲାଇନରେ ଉପଲବ୍ଧ ଥିବା(ଟିଆରସିଜ ୬୮୮ ଡଟ୍ କମ୍) କୁ ଯାଇ ଏକ ଆକାଉଣ୍ଟ ଖୋଲିବାକୁ ଧିରଜ ପରାମର୍ଶ ଦେଇଥିଲେ। ପିଜି ଡାକ୍ତର ସେହି ୱେବସାଇଟକୁ ଯାଇ ଆକାଉଣ୍ଟ ଖୋଲିବା ପରେ ତାଙ୍କୁ ମୂଳ ଟଙ୍କା ଓ କମିଶନ ବାବଦକୁ ୧୪୧୦ଟଙ୍କା ମିଳିଥିଲା। ଏହାପରେ ସେହି ବ୍ୟକ୍ତି ଜଣଙ୍କ ପିଜି ଡାକ୍ତରଙ୍କୁ ୧ଲକ୍ଷ ବିନିଯୋଗ କରି ୩୦ ପ୍ରତିଶତ ରିଟର୍ନ ଲାଭ କରିବାକୁ ପରାମର୍ଶ ଦେଇଥିଲେ। ୩୦ପ୍ରତିଶତ ଲାଭ ଆଶାରେ ପିଜି ଡାକ୍ତର ପ୍ରଥମେ ୧ଲକ୍ଷ ଟଙ୍କା ଜମା କରିଥିଲେ। ପରେ ପୁଣି ୩ ଲକ୍ଷ ଟଙ୍କା ଜମା କଲେ ଆକାଉଣ୍ଟ ଖୋଲିଯିବା ସହ ମୂଳ ଟଙ୍କା ୪ଲକ୍ଷ ସହ ତା' ଉପରେ ୩୦ ପ୍ରତିଶତ ଲାଭ ମିଳିଯିବ ବୋଲି ବ୍ୟକ୍ତି ଜଣଙ୍କ ପରାମର୍ଶ ଦେଇଥିଲେ। ଏହାପରେ ପିଜି ଡାକ୍ତର ଜଣଙ୍କ ୩ ଲକ୍ଷ ଟଙ୍କା ଜମା କରିଥିଲେ। ହେଲେ ସେ ପୁଣି ଭୁଲ କରି ଦେଇଥିବାରୁ ତାଙ୍କ ଆକାଉଣ୍ଟ ବ୍ଲକ ହୋଇଯାଇଛି ବୋଲି ତାଙ୍କୁ କୁହାଯାଇଥିଲା। ଏକ ନୂତନ ଆଇଡି ପ୍ରଦାନ କରାଯାଇ ୫ଲକ୍ଷ ଜମା କରିବା ପରେ ସମସ୍ତ ଟଙ୍କା ଓ ଲାଭ ମିଳିଯିବ ବୋଲି କୁହାଯାଇଥିଲା। ଏହା ପରେ ପରେ ତାଙ୍କ ଆଉ ଅଧିକ ଟଙ୍କା ଜମା କରିବାକୁ କୁହାଯାଇଥିଲା। ପୂର୍ବ ଟଙ୍କା ଫେରି ପାଇବା ଆଶାରେ ପିଜି ଡାକ୍ତର ଜଣଙ୍କ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨୩ ଲକ୍ଷ ଟଙ୍କା ଜମା କରିଦେଇଥିଲେ। ହେଲେ ଉପରୋକ୍ତ ବ୍ୟକ୍ତିମାନେ ବିଭିନ୍ନ ବାହାନା ଦେଖାଇ ପୁଣି ଟଙ୍କା ଜମା କରିବାକୁ କହିବାରୁ ପିଜି ଡାକ୍ତର ଜଣଙ୍କ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହା ପରେ ସେ ସାଇବର ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ।

# ଓଲଟିଲା ଧାନ ବୋଝେଇ ଟ୍ରାକ୍ଟର, ଜଣେ ମୃତ



ଛତ୍ରପୁର,୧୩।୧(ସମିସ): ଧାନ ବୋଝେଇ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟିଲା। ଫଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ଜଣେ ଶ୍ରମିକ ଗୁରୁତର ଆହାତ ହୋଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତ ଶ୍ରମିକ ଜଣକ ହେଲେ ସୁନ୍ଦରପୁର ଗ୍ରାମ ବାଲିସାହିର ରାମ ନାୟକ ଏବଂ ଗୁରୁତର ଆହତ ଶ୍ରମିକ ଜଣକ ହେଲେ ବାଲି ସାହିର ସାଗର ନାୟକ ବୋଲି ସୁନ୍ଦରପୁର ଗ୍ରାମ ପଂଚାୟତର ସରପଞ୍ଚ ଗଗନ କୁମାର ବେହେରା ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସୁନ୍ଦରପୁର ଗ୍ରାମରୁ ଧାନ ବୋଝେଇ ହୋଇ ଏକ ଟ୍ରାକ୍ଟର କରାପଲ୍ଲୀ ମିଲକୁ ଯାଉଥିବା ବେଳେ ବଳରାମପୁର ଓ କରାପଲ୍ଲୀ ମଝିରେ ରାସ୍ତାରେ ଭରସାମ୍ୟ ହରାଇ ରାସ୍ତା ପାଶ୍ୱର୍ ଖସିପଡ଼ି ଓଲଟି ପଡିଥିଲା। ଯାହାଫଳରେ ଟ୍ରାକ୍ଟରରେ ଥିବା ଦୁଇଜଣ ଶ୍ରମିକ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଏହା ଖବର ପାଇ ସ୍ଥାନୀୟ ସରପଞ୍ଚ ଘଟଣା ସ୍ଥଳରେ ପହଁଚି ଅଂଚଳବାସୀଙ୍କ ସହଯୋଗରେ ଜେସିବି ଯୋଗେ ଦୁଇଜଣ ଶ୍ରମିକଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ ବ୍ରହ୍ମପୁର ମେଡିକାଲ ସେମାନଙ୍କୁ ପଠାଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ରାମ ନାୟକଙ୍କୁ ମୃତ ଘୋଷଣା କରିଥିଲେ।

# ବୃନ୍ଦାବନ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ହିଞ୍ଜିଳିକାଟୁ,୧୩।୧(ସମିସ): ହିଞ୍ଜିଳିକାଟୁ ପୌରାଞ୍ଚଳ ସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନିଙ୍କ ପୌରହିତ୍ୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାବରେ ମୁଖ୍ୟମନ୍ତ୍ରୀଙ୍କ ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଶିକ୍ଷାର ତାତ୍ପର୍ଯ୍ୟ ଏବଂ ଆମେ ଗଢିବୁ ନୂଆ ଓଡ଼ିଶା ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। ଗ୍ରିଟ୍ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ହିଞ୍ଜିଳିକାଟୁ ପୌର ପରିଷଦ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ପଲେଇ, ଉପାଧ୍ୟକ୍ଷା ସୁଚିତ୍ରା ପଣ୍ଡା, କାଉନସିଲର ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଭୁ ପ୍ରସାଦ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମୁନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଆଜିର ଏହି ଶୁଭ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ତରଫରୁ ପ୍ରସ୍ତୁତ ବିଭିନ୍ନ କ୍ଲବ କାର୍ଯ୍ୟକ୍ରମ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ଋଷିକୂଲ୍ୟା ରୟତ ମହାସଭାର ଆଲୋଚନା ସଭା, ଦାବିପତ୍ର ପ୍ରଦାନ

ଦିଗପହଣ୍ଡି,୧୩।୧(ସମିସ): ଦିଗପହଣ୍ଡି ସ୍ଥିତ ଘୋଡାହାଡ଼ ପାଣି ପଞ୍ଚାୟତ ଶୀର୍ଷ କମିଟି କାର୍ଯ୍ୟାଳୟ ସଭାଗୃହଠାରେ ଋଷିକୂଲ୍ୟା ରୟତ ମହାସଭା ପକ୍ଷରୁ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ସିମାଞ୍ଚଳ ନାହାକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଞ୍ଚଳର ବହୁ ସଂଖ୍ୟକ ଚାଷୀ ଓ ଚାଷୀ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ। ଚାଷୀ ଓ ଚାଷ ର ସର୍ବବିଧ ବିକାଶ ନିମନ୍ତେ ସଭାରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ଉତ୍ପାଦିତ ବଳକା ଧାନକୁ ସରକାରୀ ଦରରେ କ୍ରୟ କରାଯିବା, ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଏବଂ ଫସଲ ବୀମା ସହାୟତା ପ୍ରଦାନ କରାଯିବା, ଚାଷୀଙ୍କ ଧାନ କ୍ରୟ ସମସ୍ୟାର ସମାଧାନ ପାଇଁ ପ୍ରତି ବ୍ଲକରେ ଟୋଲ୍ ଫ୍ରୀ ନମ୍ବର ଜାରି କରାଯିବା ଆଦି ଦାବି କରାଯାଇଛି। ଏନେଇ ବ୍ରହ୍ମପୁର ଉପଜିଲାପାଳ, ଦିଗପହଣ୍ଡି ତହସିଲଦାର ଏବଂ ବିଡ଼ି ଙ୍କୁ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ୯ମ ଦିନରେ ବ୍ରହ୍ମପୁର ମହାନଗର ପୁସ୍ତକ ମେଳା




ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଗଞ୍ଜାମ ଜିଲ୍ଲା ପୁସ୍ତକମେଳା କମିଟି ପକ୍ଷରୁ ଚାଲିଥିବା ୧୦ମ ବ୍ରହ୍ମପୁର ମହାନଗର ପୁସ୍ତକ ମେଳା ଶନିବାର ୯ମ ଦିନରେ ପହଞ୍ଚିଛି। ପୁସ୍ତକମେଳାର ସାହିତ୍ୟ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଆୟୋଜକ ତଥା କବି ସୁଶାନ୍ତ ଦାଶ ସଂଯୋଜନା କରିଥିଲେ। କବି ଓ ସାହିତ୍ୟିକ ବି. ସତ୍ୟମ ଆଚାରୀଙ୍କ ଅଧ୍ୟତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ତଥା ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ମୋହନ ରାଓ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଭାବରେ ଦୈନିକ 'ସକାଳ' ଖବର କାଗଜର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ସମାଜସେବୀ ଶମ୍ଭୁଲିଙ୍ଗମ ଆଚାରୀ, ଶିକ୍ଷକ ହରେକୃଷ୍ଣ ପଣ୍ଡା, ସୁଦୀପ କୁମାର ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କବିଙ୍କ ଦ୍ୱାରା ଲିଖିତ ପୁସ୍ତକ ଅତିଥିମାନଙ୍କ ଦ୍ୱରା ଉନ୍ମୋଚିତ ହୋଇଥିଲା। ଶେଷରେ କବୟତ୍ରୀ ଦୀପ୍ତିଲେଖା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉତ୍କଳ ନୃତ୍ୟାନୁଷ୍ଠାନ ପକ୍ଷରୁ ଗୁରୁ ଶେଖରସୁମନ ମାଝୀ ଓ ତାଙ୍କ ସହଯୋଗୀଙ୍କୁ ନେଇ ବିଭିନ୍ନ ନୃତ୍ୟ ପଦର୍ଶନ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କବି ପଦ୍ମିନୀ ମିଶ୍ର, ସୁଦ୍ଧାଞ୍ଜଳୀ ମିଶ୍ର, ଦୀପ୍ତିମିତା ମହାପତ୍ର, କପିଳ ମହାନ୍ତ, ସପ୍ତମିତା ଦାଶ, ନିହାର ରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ପୁସ୍ତକ ମେଳା ଉଦ୍‌ଯାପିତ ହେବ।

# ପାରିବାରିକ ଅଶାନ୍ତିରୁ ମହିଳାଙ୍କ ଆତ୍ମହତ୍ୟା

କାଶୀନଗର,୧୩।୧(ସମିସ): କାଶୀନଗର ଥାନା ଅନ୍ତର୍ଗତ ବାବୁଲିଗୁଡା ଗ୍ରାମର ଏକ ମହିଳା ପାରିବାରିକ ଅଶାନ୍ତିରୁ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଘନ ରଇତଙ୍କ ସ୍ତ୍ରୀ ସୁଶୀଳା ରଇତ(୩୦)। କୌଣସି କାରଣରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି ହୋଇ ଗଣ୍ଡଗୋଳ ହୋଇଥିଲା। ପରେ ମହିଳା ଜଣକ ବିଷାକ୍ତ ତରଳ ପଦାର୍ଥ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପାରଳାଖେମୁଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ଅବସ୍ଥା ଅଧିକ ସଂକଟାପନ୍ନ ହେବାରୁ ଶ୍ରୀକାକୁଲମ୍ ନେବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ନେଇ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ କହିଛନ୍ତି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜୟନ୍ତୀ



ଗଞ୍ଜାମ,୧୩।୧(ସମିସ): ଗଞ୍ଜାମ ସତସଙ୍ଗ ବିହାର ପକ୍ଷରୁ ଅନୁକୂଳ ଚନ୍ଦ୍ରଙ୍କ ପୁଣ୍ୟ ୧୩୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ଗଞ୍ଜାମ ସହର ପରିକ୍ରମା କରିଥିଲା।

ରିତିକ ରବୀନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରିତିକ ବିଜୟ ପଣ୍ଡା, ଉପେନ୍ଦ୍ର ସାହୁ, ବି.ପାର୍ଶ୍ୱୟା, ଯାଜକ କର୍ମୀ ଗଜେନ୍ଦ୍ର ତାରାଇ, ଭାସ୍କର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦାସ, କେ. ଦୁର୍ଯ୍ୟୋଧନ ରେଡି, ଯୁଧିଷ୍ଠିର ନନ୍ଦ, ସନ୍ତୋଷ ସାହୁ ସମେତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଦାଧର ଦାସ, ସାଲୁ, ଜ୍ୟୋତି, ଦେବୁ, ସାନୁ, ସୁମିତ୍ରା, ଭାନୁ, ଅମୂଲ୍ୟ, ବନିତା, ସନ୍ଧ୍ୟା, ସମେତ ଅନ୍ୟ ମାନେ ସହଯୋଗ କରିଥିଲେ।

### କଳିଙ୍ଗ ପଦର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

# ଶିକ୍ଷାର ବିକାଶ ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ: ଅର୍ଥମନ୍ତ୍ରୀ

ଭଞ୍ଜନଗର,୧୩।୧(ସମିସ):



ଜଗନ୍ନାଥପ୍ରସାଦ ବ୍ଲକ କଳିଙ୍ଗ ପଦର ଅଚ୍ୟୁତାନନ୍ଦ ଆଶ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଭଞ୍ଜନଗର ବିଧାୟକ ତଥା ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇ ଉପାନ୍ତ ଅଞ୍ଚଳରେ ସ୍ଥାପନ କରିଥିବା ବାବା ଅଚ୍ୟୁତାନନ୍ଦ ନାମରେ ଶିକ୍ଷାପ୍ରେମୀ ସ୍ୱର୍ଗତ କାହ୍ନୁ ଚରଣ ନାୟକ ଏବଂ ଅନ୍ୟମାନଙ୍କୁ ବେଶ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ଉନ୍ନତ ଶିକ୍ଷା ବ୍ୟବସ୍ଥା, ୫-ଟିରେ ସ୍କୁଲ ରୂପାନ୍ତରଣ, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଯୋଗୁଁ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶରେ ସହାୟକ ହେବ ବୋଲି କହିଛନ୍ତି। ଅବସରରେ ପୁରାତନ ଶିକ୍ଷକ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଏଥିରେ ପ୍ରଧାନ ଶିକ୍ଷକ ତ୍ରିଲୋଚନ ମଲ୍ଲିକଙ୍କ ସହ ସମ୍ମାନୀତ ଅତିଥି ଭାବେ ଗାୟାଗଣ୍ଡା ସରପଞ୍ଚ ପଦ୍ମଜା ପାତ୍ର, ସମିତି ସଭ୍ୟା ସୌମ୍ୟଶ୍ରୀ, ବରିଷ୍ଠ ଆଇନଜୀବି ରଙ୍କନିଧି ପାତ୍ର, ଆଲୁମିନି କମିଟି ସଭାପତି ବସନ୍ତ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ଶିକ୍ଷା ଉପରେ ଅଭିଭାଷଣ ଦେଇ ଡିଗ୍ରି କଲେଜ ହାସଲ ପାଇଁ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ମାନ୍ୟବର ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ।

ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା। ଉଦଯାପନୀ ଦିବସରେ ପ୍ରତିଷ୍ଠାତା ସ୍ୱର୍ଗତ କାହ୍ନୁ ଚରଣ ନାୟକଙ୍କ ଧର୍ମ ପତ୍ନୀ ବୁଲି ନାୟକଙ୍କୁ ସମ୍ମାନୀତ କରାଯାଇଥିଲା। ଜଗନ୍ନାଥପ୍ରସାଦ ବ୍ଲକ୍ ବିଇଓ କଲ୍ୟାଣି ପାଢ଼ୀ, ପବିତ୍ର ମୋହନ ସାହୁ, ସିମାଞ୍ଚଳ ଜାନୀଙ୍କୁ ମଧ ସମ୍ମାନୀତ କରାଯାଇଥିଲା। ଲକ୍ଷ୍ମୀ ନାରାୟଣ ତ୍ରିପାଠୀ ଏବଂ ମାନସ କୁମାର ସାହୁ ମଞ୍ଚ ସଂଯୋଜନା କରିଥିଲେ। ଶେଷରେ ଅଂଶୁମାନ ପଣ୍ଡା ଅତିଥି ମାନଙ୍କୁ ଧନ୍ୟବାଦ ଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

■ ଷଷ୍ଠ ଜିଲ୍ଲାସ୍ତରୀୟ ରାମେଶ୍ୱର ଟ୍ରଫି

# ସେମିଫାଇନାଲରେ ପ୍ରବେଶ କଲା ଖଲ୍ଲିକୋଟ କ୍ରିକେଟ କ୍ଲବ୍

ବ୍ରହ୍ମପୁର,୧୩।୧(ସମିସ): ସ୍ଥାନୀୟ ବ୍ରହ୍ମପୁର ଷ୍ଟାଡିୟମରେ ରାମେଶ୍ୱର ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୬ଷ୍ଠ ରାମେଶ୍ୱର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଚିତ୍ର ପଟ୍ଟନାୟକ ଓ ଇଂ ଶୁଭମ ପଟ୍ଟନାୟକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖଲ୍ଲିକୋଟ କ୍ରିକେଟ କ୍ଲବ ଓ ପାୱାର ଇଲେଭେନ ଦଳ ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ଖଲ୍ଲିକୋଟ ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାୱାର ଇଲେଭେନ କ୍ରିକେଟ ଦଳ ନିର୍ଦ୍ଧାରିତ ୩୦ଓଭର ଖେଳି ୬ୱିକେଟ ହରାଇ ମାତ୍ର ୯୪ରନ୍ ସଂଗ୍ରହ କରିଥିଲେ। ଜବାବରେ ଖଲ୍ଲିକୋଟ ଦଳ ୧୮. ୪ଓଭର ଖେଳି ୪ୱିକେଟ ବିନିମୟରେ ୧୦୦ରନ ସଂଗ୍ରହ କରିଥିଲେ। ଏହି ମ୍ୟାଚକୁ ଖଲ୍ଲିକୋଟ କ୍ରିକେଟ କ୍ଲବ ୬ଟି ୱିକେଟରେ ବିଜୟୀ ହୋଇଥିଲା। ରାମେଶ୍ୱର କ୍ଲବ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରତିଯୋଗିତାରେ ଯୋଗଦେଇ ଖଲ୍ଲିକୋଟ କ୍ରିକେଟ କ୍ଲବର ମନୋଜ କୁମାର ଶବରଙ୍କୁ ମ୍ୟାନ୍ ଅଫ ଦ ମ୍ୟାଚ ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ପୂର୍ଣ୍ଣଚନ୍ଦ୍ର ନାୟକ ଓ ଧିରେନ୍ ମିଶ୍ର



ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଏମ. ନବୀନ କୁମାର ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ କୁମାର ପଟ୍ଟନାୟକ, ଏନ. ବିଜୟ କୁମାର, ଦେବବ୍ରତ ଦେଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

